# ସେହି ପିତୃପୁରୁଷ ଅବ୍ରହାମ

ପୁନର୍ବାର ଆଦିପୁସ୍ତକର ବହି, ତାର 22ତମ ପର୍ବ, 15ତମ ପଦରୁ ଆରମ୍ଭ କରିବା, ଏବଂ ଆମେମାନେ ବର୍ତ୍ତମାନ ଅଳ୍ପ କିଛି କ୍ଷଣ କହି ସେବାକୁ ଆରମ୍ଭ କରିବାର ଆଶା କରୁଅଛୁ । ଆଦିପୁସ୍ତକ 22, 15ତମ ପଦରୁ ଆରମ୍ଭ କରିବା ।

*ଆଉ* ***ସଦାପ୍ରଭୁ****ଙ୍କ ଦୂତ ଦ୍ୱିତୀୟ ଥର ଆକାଶରୁ ଅବ୍ରହାମଙ୍କୁ ଡାକି କହିଲେ,*

***ସଦାପ୍ରଭୁ*** *କହୁଅଛନ୍ତି, ତୁମ୍ଭେ ଆମ୍ଭକୁ ଆପଣାର ପୁତ୍ର, ଆପଣାର ଏକମାତ୍ର ପୁତ୍ର ଦେବାକୁ ଅସମ୍ମତ ନୋହିଲ, ତୁମ୍ଭର ଏହି କର୍ମ ସକାଶୁ, ଆମ୍ଭେ ଆପଣା ନାମରେ ଶପଥ କରି କହୁଅଛୁ:*

*ଆମ୍ଭେ ତୁମ୍ଭକୁ ଅବଶ୍ୟ ଆଶୀର୍ବାଦ କରି, ଆକାଶସ୍ଥ ତାରାଗଣ, ଓ ସମୁଦ୍ରର ବାଲି ପରି ତୁମ୍ଭର ବଂଶ ଅତିଶୟ ବୃଦ୍ଧି କରିବା; ତୁମ୍ଭର ବଂଶ ଶତ୍ରୁଗଣର* ନଗରଦ୍ୱାର *ଅଧିକାର କରିବେ;*

*ପୁଣି ପୃଥିବୀସ୍ଥ ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବେ; ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛ ।*

2 ଆଜ୍ଞାପାଳନ ହେତୁ, ଏହା କି ଏକ ପ୍ରତିଜ୍ଞା! ଆଜ୍ଞାକାରୀତା ହିଁ ଅଟେ ଯାହା ପରମେଶ୍ୱର ଚାହାଁନ୍ତି । ଏହା ଥରେ କୁହାଯାଇଥିଲା, "ବଳିଦାନ ଅପେକ୍ଷା ଆଜ୍ଞାକାରୀତା ଅଧିକ ମହତ୍ତର ।" ପ୍ରଭୁଙ୍କର ଆଜ୍ଞାକାରୀ ହେବା ଆପଣ କଦାଚ କରିପାରୁଥିବା ଯେକୌଣସି ବଳିଦାନ ଅପେକ୍ଷା ଅଧିକ ମହତ୍ତର ଅଟେ ।

3 ଆମେମାନେ ଆଜିରାତି, ଏକ ମହାନ୍ ପାଠ୍ୟର ସମ୍ମୁଖୀନ ହେଉଅଛୁ, *ସେହି ପିତୃପୁରୁଷ ଅବ୍ରହାମ,* ଯାହାଙ୍କୁ କୁହାଯାଇଥିଲା "ବିଶ୍ୱାସର ଆଦିପିତା," କାରଣ ପରମେଶ୍ୱର ତାଙ୍କୁ ଓ ତାଙ୍କର ବଂଶକୁ, ପୃଥିବୀର ଅଧିକାରୀ ହେବାର ପ୍ରତିଜ୍ଞା କରିଥିଲେ । ଏବଂ ଏହା ଅବ୍ରହାମଙ୍କ ଜରିଆରେ ହିଁ ଅଟେ ଯେ ଆମେ, ଖ୍ରୀଷ୍ଟଙ୍କଠାରେ ମୃତ ହୋଇ, ଅବ୍ରହାମଙ୍କ ବଂଶ ହେଉ ଏବଂ ପ୍ରତିଜ୍ଞା ଅନୁଯାୟୀ ତାଙ୍କ ସହିତ ଉତ୍ତରାଧିକାରୀ ହେଉ ।

4 ତେବେ, ଅବ୍ରହାମ ଜଣେ ସାଧାରଣ ବ୍ୟକ୍ତି ଥିଲେ, କୌଣସି କିଛି ବିଶେଷ ନ ଥିଲେ । ପରମେଶ୍ୱର ତାଙ୍କୁ କଦାପି ସେପର୍ଯ୍ୟନ୍ତ ଡାକିଲେ ନାହିଁ, ଯେତେ ଦୂର ଆମ ପାଖରେ କୌଣସି ପ୍ରମାଣସ୍ୱରୂପ କାଗଜପତ୍ର ରହିଛି, ଯେପର୍ଯ୍ୟନ୍ତକି ତାଙ୍କୁ ପଞ୍ଚ-ସତୁରୀ ବର୍ଷ ବୟସ ହେଲା ନାହିଁ । ତାଙ୍କ ପତ୍ନୀ, ଯିଏକି ତାଙ୍କର ଅଧା ଭଉଣୀ ଥିଲା, ସେହି ସମୟରେ ପଇଁ-ଷାଠିଏ ବର୍ଷ ବୟସ ହୋଇଥିଲା, ହୁଏତ ସେମାନେ ଅତି ଯୁବା ବୟସରୁ ହିଁ ଏକାଠି ସଙ୍ଗରେ ରହି ଆସିଥିଲେ । ଏବଂ ସେ ବନ୍ଧ୍ୟା ଥିଲେ, ଏବଂ ତାଙ୍କର କୌଣସି ସନ୍ତାନ ନ ଥିଲା । ପରମେଶ୍ୱର ଏକ ସମ୍ପୂର୍ଣ୍ଣ ପୃଥକୀକରଣ ନିମନ୍ତେ ଆହ୍ୱାନ କରିଥିଲେ, ଆପଣାକୁ ଜଗତଠାରୁ ସଂପୂର୍ଣ୍ଣ ଭାବେ

ପୃଥକ କରିବା ନିମନ୍ତେ, ଏବଂ ତାଙ୍କର ସମସ୍ତ ଲୋକମାନଙ୍କଠାରୁ, ଏବଂ ତାଙ୍କର ସମସ୍ତ ଜ୍ଞାତି ପରିଜନଠାରୁ ପୃଥକ ହେବା ନିମନ୍ତେ ଆହ୍ୱାନ କରିଥିଲେ । ତାଙ୍କୁ କରିବା ପାଇଁ ସେଠାରେ ଏକ ବିଶେଷ କାର୍ଯ୍ୟ ରହିଥିଲା ।

5 ଏବଂ ଯେତେବେଳେ ପରମେଶ୍ୱର ଆପଣଙ୍କଠାରୁ ଏକ ବିଶେଷ କାର୍ଯ୍ୟକୁ କରିବାର ଆଶା କରନ୍ତି, ସେତେବେଳେ ସେ କୌଣସି ବି ସନ୍ଦେହଠାରୁ ଏକ ସମ୍ପୂର୍ଣ୍ଣ ପୃଥକୀକରଣକୁ ଦାବି କରନ୍ତି । ଆପଣଙ୍କୁ ତ ସେହି ବିଷୟ ପ୍ରତି ସମ୍ପୂର୍ଣ୍ଣ ଆଜ୍ଞାକାରୀତାକୁ ଆସିବାକୁ ପଡିଥାଏ, ଯେ ଯାହା ସେ କୁହନ୍ତି ତାହାର ଆଜ୍ଞାପାଳନ କରାଯାଏ । ପରମେଶ୍ୱର ଏହା ଦାବୀ କରନ୍ତି । ଆପଣ ଏହାକୁ ଅନ୍ୟ କୌଣସି ଉପାୟରେ କରିପାରନ୍ତି ନାହିଁ । ଏବଂ, ବର୍ତ୍ତମାନ, ସେ ସର୍ବଦା ଏକ ଉଦାହରଣ ସ୍ଥାପନ କରନ୍ତି, ଏବଂ ଏହା ତାହାଙ୍କର ସେହି ବିଷୟର ଉଦାହରଣ ଥିଲା ଯେ, ନିଜର ସମଗ୍ର ପରିବାରଠାରୁ, ତାଙ୍କର ସମସ୍ତ ଜ୍ଞାତି ପରିଜନଠାରୁ, ଏବଂ ପ୍ରଭୃତିଠାରୁ ଏକ ସମ୍ପୂର୍ଣ୍ଣ ପୃଥକୀକରଣ ହେବା, ଯେପରିକି ପରମେଶ୍ୱରଙ୍କ ନିକଟରେ ଏକ ପୃଥକୀକୃତ ଜୀବନ ସହିତ ଗମନାଗମନ କରନ୍ତି ।

6 ବର୍ଷ ଗଡିଗଲା, କିଛି ଘଟିଲା ନାହିଁ, ମାତ୍ର ଅବ୍ରହାମ ତଥାପି ବିଶ୍ୱାସକୁ ଧରି ରହିଲେ । ସେ ହତୋତ୍ସାହିତ ହେଲେ ନାହିଁ । "ସେ ଅବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ କଦାପି ବିଚଳିତ ହେଲେ ନାହିଁ, ବରଂ ଦୃଢ ହୋଇ, ପରମେଶ୍ୱରଙ୍କୁ ପ୍ରଶଂସା କରି ଚାଲିଲେ ।"

7 ବର୍ଷ ପରେ ବର୍ଷ, ଯେପରି ଏହା ଗଡି ଚାଲିଲା, ନିଃସନ୍ଦେହ ଅନେକ ସମାଲୋଚକମାନେ ଆସିଲେ ଓ କହିଲେ, "ଅବ୍ରହାମ, ଜାତି ଜାତିର ପିତା, ବର୍ତ୍ତମାନ ତୁମର କେତୋଟି ସନ୍ତାନମାନେ ଅଛନ୍ତି?" ତାହା ତାଙ୍କୁ ବିଚଳିତ କଲା ନାହିଁ । କୌଣସି ସନ୍ତାନ ନ ଥିଲା, ଏବଂ ସାରା ଜୀବନର ସମୟ, ସନ୍ତାନ ପ୍ରସବ କରିବାର ସମୟକୁ ଅତିକ୍ରମ କରି ସାରିଥିଲେ, ଅବଶ୍ୟ, ସ୍ତ୍ରୀଧର୍ମ କେବେଠାରୁ କ୍ଷାନ୍ତ ହୋଇ ଯାଇଥିଲା, ମାତ୍ର ଅବ୍ରହାମ ତଥାପି ପରମେଶ୍ୱରଙ୍କୁ ଠିକ ସେହି ସମାନ ଭାବରେ ବିଶ୍ୱାସ କରିଥିଲେ । ସେ ଶିଶୁ ପାଇଁ ପ୍ରସ୍ତୁତିମାନ କରିଥିଲେ, କାରଣ ସେ ଜାଣିଥିଲେ ଏବଂ ସମ୍ପୂର୍ଣ୍ଣ ଭାବରେ ଆଶ୍ୱସ୍ତ ଥିଲେ ଯେ ପରମେଶ୍ୱର ଏପରି ଏକ ପ୍ରତିଜ୍ଞା କରିପାରିବେ ନାହିଁ ଯାହାକୁ ସଫଳ କରିବା ନିମନ୍ତେ ସେ ଯଥେଷ୍ଟ ବଡ଼ ନୁହଁନ୍ତି ।

8 ତାହାଙ୍କର ବଂଶ ମଧ୍ୟ ସେହି ସମାନ ବିଷୟ ଭାବିବା ଉଚିତ୍ । ଏଥିରେ କିଛି ଯାଏ ଆସେ ନାହିଁ ଯେ ଏହା କେତେ ଅବାସ୍ତବ ପରି ମନେ ହୁଏ, ପ୍ରାକୃତିକ ମନକୁ ଏହା କେତେ ଅସ୍ୱାଭାବିକ ପରି ମନେ ହୁଏ, ତଥାପି ପରମେଶ୍ୱର ଏପରି ଏକ ପ୍ରତିଜ୍ଞା କରିପାରିବେ ନାହିଁ ଯାହାର ତତ୍ତ୍ୱ ନେବା ନିମନ୍ତେ ସେ ଯଥେଷ୍ଟ ବଡ଼ ନୁହଁନ୍ତି । ଆଜି ଆମେ ସେହି ସମାନ ବିଷୟକୁ ବିଶ୍ୱାସ କରୁଅଛୁ । ଅବ୍ରହାମଙ୍କର ପ୍ରତ୍ୟେକ ପ୍ରକୃତ ବୀଜ ସେହି ସମାନ କଥାକୁ ବିଶ୍ୱାସ କରନ୍ତି । ଏଥିରେ କିଛି ଯାଏ ଆସେ ନାହିଁ ଯେ କେଉଁ ପରିସ୍ଥିତିରେ ଅଛୁ, ଆମେମାନେ କେତେ ଜ୍ଞାନ ସଂଗ୍ରହ କରି ନେଇଛୁ, କେତେ ଘଟଣାଗୁଡିକ ଘଟି ଯାଇଛି, ପ୍ରାକୃତିକ ମନ ପାଇଁ ଏହା କେତେ

ଅସ୍ୱାଭାବିକ ଅଟେ, ବରଂ, ପ୍ରାକୃତିକ ମନ ପ୍ରତି, ଏହା କେତେ ମୂର୍ଖାମୀ ଅଟେ, ତଥାପି ଏଥିରେ ଟିକିଏ ହେଲେ ବି ଫରକ୍ ପଡେ ନାହିଁ । ଯଦି ପରମେଶ୍ୱର ଏହା କହିଛନ୍ତି, ତାହାହେଲେ ଏହା ତାହାହିଁ ଅଟେ । ଏବଂ ଅବ୍ରହାମଙ୍କ ବଂଶ **ସଦାପ୍ରଭୁ ଏହି କଥା କୁହନ୍ତି** ଉପରେ ସ୍ଥିର ଅଟେ । ତାହା ଏହାକୁ ସମାଧାନ କରେ ।

9 ଆମେମାନେ ପାଉ ଯେ, ପଚି-ଶ ବର୍ଷ ପରେ, କୌଣସି ସନ୍ତାନ ନାହିଁ । ଏବଂ ତଥାପି ପରମେଶ୍ୱର ଅବ୍ରହାମଙ୍କୁ ଦେଇଥିବା ତାହାଙ୍କର ପ୍ରତିଜ୍ଞାକୁ ରକ୍ଷା କରିବାରେ ବିଶ୍ୱସ୍ତ ଥିଲେ, କାରଣ ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ । ସେହି ସାନ ବାଳକଟି ଦୃଶ୍ୟପଟ୍ଟକୁ ଆସିଲା, ସାନ ଇସ୍ହାକ ।

10 ତେବେ ସାନ ଇସ୍ହାକ ଦୃଶ୍ୟପଟ୍ଟକୁ ଆସିବା ପରେ, ଆମେମାନେ ପାଉ ଯେ ପରମେଶ୍ୱର ତାଙ୍କୁ ଏକ ଦୁଇଗୁଣିତ ପରୀକ୍ଷା ପ୍ରଦାନ କଲେ । ସେ କହିଲେ, "ଏହି ପିଲାଟି…" ବର୍ତ୍ତମାନ ପ୍ରାୟଃ ଶହେ ପନ୍ଦର ବର୍ଷ, କିମ୍ବା ଶହେ କୋଡ଼ିଏ ବର୍ଷ ହେବା ପରେ, ଯାହାକି ଅବ୍ରହାମ ଥିଲେ । ସେ କହିଲେ, "ମୁଁ ଚାହେଁ ଯେ ତୁମେ ଏହାକୁ, ତୁମର ଏକମାତ୍ର ପୁଅକୁ ନିଅ, ଏବଂ ତାକୁ ନେଇ ଯେଉଁ ପର୍ବତ ମୁଁ ତୁମକୁ ଦେଖାଇବି ତାହା ଉପରକୁ ଘେନିଯାଅ, ଏବଂ ସେଠାରେ ତାକୁ, ଏହି ପର୍ବତ ଉପରେ, ଏକ ବଳିଦାନ ନିମନ୍ତେ ଉତ୍ସର୍ଗ କର ।" ଅନ୍ୟ ଅର୍ଥରେ କହିବାକୁ ଗଲେ, ପ୍ରତିଜ୍ଞା ପୂରଣ ହେବା ନିମନ୍ତେ ତାଙ୍କ ପାଖରେ ଥିବା ସମସ୍ତ ପ୍ରମାଣକୁ ନଷ୍ଟ କରିଦିଅ । ଅର୍ଥାତ୍ ତାହା ସମସ୍ତ ପ୍ରାକୃତିକ ଜିନିଷଗୁଡ଼ିକୁ ନେଇଯିବା ଅଟେ ।

11 ତେବେ ଅବ୍ରହାମ କହିଲେ, "ମୁଁ ତାକୁ ମୃତମାନଙ୍କ ମଧ୍ୟରୁ ପ୍ରାପ୍ତ କରିଥିବା ସଦୃଶ ଜଣେ । ଏବଂ ମୁଁ ସମ୍ପୂର୍ଣ୍ଣ ଭାବରେ ଆଶ୍ୱସ୍ତ ଯେ ସେ ତାକୁ ମୃତ୍ୟୁରୁ ଉତ୍ଥିତ କରିବାରେ ସକ୍ଷମ ।"

12 ସେହି ଲୋକମାନେ ହିଁ ବର୍ତ୍ତମାନ ଅବ୍ରହାମଙ୍କ ବଂଶ ଅଟନ୍ତି, କାରଣ ସେ ଆମକୁ ମୃତ୍ୟୁରୁ ଉତ୍ଥିତ କରିଅଛନ୍ତି । ଆମେମାନେ ତ ପାପ ଓ ଅପରାଧରେ ମୃତ ଥିଲୁ । ଏବଂ ସେ ଯିଏକି ମୋର ମନକୁ ପରିବର୍ତ୍ତନ କରିବାରେ, ମୋ ବିଚାର୍ଗୁଡିକୁ ପରିବର୍ତ୍ତନ କରିବାରେ, ମୋର ସ୍ୱଭାବକୁ ପରିବର୍ତ୍ତନ କରିବାରେ, ମୋତେ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିବାରେ ସକ୍ଷମ ଅଟନ୍ତି, ସେ ତାହା କରିପାରନ୍ତି ଯାହା ତାହାଙ୍କର ଇଚ୍ଛା । ଯାହାକିଛି ସେ କୁହନ୍ତି, ମୁଁ ବିଶ୍ୱାସ କରେ ଯେ ତାହା ସତ୍ୟ ଅଟେ, ଏବଂ ଅବ୍ରହାମଙ୍କର ପ୍ରତ୍ୟେକ ବୀଜ ସେହି ସମାନ କଥା ବିଶ୍ୱାସ କରନ୍ତି ।

13 ଅବ୍ରହାମ, ପରମେଶ୍ୱରଙ୍କ ପ୍ରତି ଅନାଜ୍ଞାବହ ନ ହୋଇ, ସେହି ସାନ ବାଳକଟିକୁ ନେଲେ । ଏବଂ ଏହି ସକାଳେ, ସେବକମାନଙ୍କୁ କହିଲେ, "ତୁମେମାନେ ଖଚରଗୁଡିକ ସହିତ ଏଠାରେ ଅପେକ୍ଷା କର । ପୁଅ ଏବଂ ମୁଁ ଉପାସନା କରିବା ପାଇଁ ଉପରକୁ ଯିବୁ, ଏବଂ ସେ ଓ ମୁଁ ଫେରି ଆସିବୁ ।" ଓଃ, ସେ ଏହା କିପରି କରିବାକୁ ଯାଉଛନ୍ତି? ଯେତେବେଳେ ସେ ନିଜ ପୁଅର ଜୀବନକୁ ନେବା ପାଇଁ, ସେହି ପର୍ବତ ଶିଖରକୁ ଯାଉଛନ୍ତି, ତଥାପି ସେ କୁହନ୍ତି, "ଏହି ପିଲା, ଏହି ବାଳକ ଏବଂ ମୁଁ ଫେରି ଆସିବୁ ।" ସେ ଜାଣିଥିଲେ ଯେ କିଛି ଗୋଟାଏ ବିଷୟକୁ ଘଟିବାକୁ

ହିଁ ହେବ। ଏବଂ ସେ ଜାଣି ନ ଥିଲେ ଯେ ପରମେଶ୍ୱର ଏହାକୁ କିପରି ଭବରେ କରିବାକୁ ଯାଉଛନ୍ତି; ତାହା ତାଙ୍କର ପ୍ରଶ୍ନ ନୁହେଁ। ସେ ଜାଣିଥିଲେ ଯେ ପରମେଶ୍ୱର ଏହାକୁ ପ୍ରତିଜ୍ଞା କରିଛନ୍ତି।

14 ତାହା ହିଁ ସବୁକିଛି ଯାହାକି ଆମେମାନେ ଜାଣିବା ହେତୁ ଯତ୍ନବାନ ଅଟୁ, ପରମେଶ୍ୱର ଏହାକୁ ପ୍ରତିଜ୍ଞା କରିଛନ୍ତି! ଏହା କିପରି ହେବାକୁ ଯାଉଅଛି? ମୁଁ ଆପଣଙ୍କୁ କହିପାରେ ନାହିଁ। ମାତ୍ର ପରମେଶ୍ୱର ହିଁ ଏହିପରି କହିଥିଲେ! ସେ ଦ୍ୱିତୀୟ ଥର, ଯୀଶୁ ଖ୍ରୀଷ୍ଟଙ୍କୁ ପଠାଇବେ, ସେ ଏକ ଶାରୀରିକ ରୂପରେ ଆସିବେ। ସେ ଆପଣା ନିଜର ଲୋକମାନଙ୍କୁ ଦାବି କରିବେ। ସେଠାରେ ତାହାଙ୍କ ସହିତ, ସେହି ମୁକ୍ତିପ୍ରାପ୍ତ ଲୋକମାନଙ୍କ ସହିତ, ଏହି ପୃଥିବୀ ଉପରେ ଏକ ସହସ୍ର ବର୍ଷ, ସହସ୍ରାବ୍ଦୀର ଶାସନକାଳ ରହିବ। ତାହା ହିଁ ଅଟେ ଯାହାକି ସେ ପ୍ରତିଜ୍ଞା କରିଥିଲେ, ଏବଂ ଆମେମାନେ ସେହି ଘଟିକାର ନିକଟବର୍ତ୍ତୀ ହେବାର ଅପେକ୍ଷା କରୁଅଛୁ।

15 ସେ ରୋଗୀମାନଙ୍କୁ ସୁସ୍ଥ କରିବାକୁ, ମୃତମାନଙ୍କୁ ପୁନରୁତ୍ଥାନ କରିବାକୁ, ଭୂତମାନଙ୍କୁ ବାହାର କରିବାକୁ ପ୍ରତିଜ୍ଞା କରିଥିଲେ। ସେ ଏହା କରିବାକୁ ପ୍ରତିଜ୍ଞା କରିଥିଲେ। ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। କିପରି? ମୁଁ ଜାଣେ ନାହିଁ। ସେ ଏହା କରିବାକୁ ପ୍ରତିଜ୍ଞା କରିଥିଲେ! ଆମେ ଏହାକୁ ବିଶ୍ୱାସ କରୁ; ତାହା ଏହାକୁ ସମାଧାନ କରେ। ଯେତେବେଳେ ଜଣେ ବ୍ୟକ୍ତି ପରମେଶ୍ୱରଙ୍କୁ ବିଶ୍ୱାସ କରେ, ସେତେବେଳେ ସେ ତାହା ସବୁକିଛି ବିଶ୍ୱାସ କରେ ଯାହା ପରମେଶ୍ୱର କୁହନ୍ତି।

16 ଏବଂ ସେହି ପ୍ରକାରେ ହିଁ ଅବ୍ରହାମ ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ। ତେବେ ପ୍ରତ୍ୟେକ ସେହି ପ୍ରମାଣକୁ ନଷ୍ଟ କରିବାକୁ କୁହା ଯାଇଥିଲା ଯେଉଁଥିରେକି ତାହାଙ୍କର ପ୍ରତିଜ୍ଞାର ତତ୍ତ୍ୱ ନିଆ ଯାଇଥାଆନ୍ତା, ମାତ୍ର ସେ ଆଶ୍ୱସ୍ତ ଥିଲେ ଯେ ପରମେଶ୍ୱର ଏହା କରିପାରିବେ।

17 ତେବେ, ସେ ଯେ କେବଳ ଏହି ମହାନ ପ୍ରତିଜ୍ଞାକୁ ପ୍ରଦାନ କଲେ ତାହା ନୁହେଁ, ମାତ୍ର ସେ ଏହାକୁ ତାହାଙ୍କର ବଂଶକୁ, ମଧ୍ୟ ଦେଲେ। ଏବଂ ଯେହେତୁ ଅବ୍ରହାମ ବିଶ୍ୱସ୍ତ ଥିଲେ, ଓ ପରମେଶ୍ୱରଙ୍କ ସେହି—ସେହି ବାକ୍ୟକୁ ରକ୍ଷା କରିଥିଲେ ଯାହା ପରମେଶ୍ୱର ତାଙ୍କୁ ପ୍ରତିଜ୍ଞା କରିଥିଲେ, ଏବଂ ଜାଣିଥିଲେ ଯେ ପରମେଶ୍ୱର ଏହି ପିଲାଟିକୁ ଉତ୍ଥିତ କରିପାରିବେ। ଏବଂ ସେ ତାଙ୍କର ନିଜର ସନ୍ତାନକୁ ମଧ୍ୟ ଛାଡ଼ି ନ ଥିଲେ; ମାତ୍ର (ପରମେଶ୍ୱର) ଏପରି ଏକ ପରମେଶ୍ୱରଙ୍କ ପ୍ରତିରୂପକ ଥିଲେ ଯିଏକି ଆପଣା ପୁତ୍ରଙ୍କୁ ପ୍ରଦାନ କରିଥିଲେ, ଅବଶ୍ୟ; ଯେତେବେଳେ ସେ କାଠକୁ ନେଇ ପର୍ବତ ଉପରକୁ ଯାଇଥିଲେ, ଏବଂ ପ୍ରଭୃତି ସବୁ; ଯେପରିକି ଖ୍ରୀଷ୍ଟ ପରବର୍ତ୍ତୀ ସମୟରେ ତାହାଙ୍କର ନିଜର ବଳିଦାନର କାଠକୁ ନେଇ, ସେହି ପାହାଡ ଉପରକୁ ଯାଇଥିଲେ, ଯେଉଁଠାରେ ସେ କ୍ରୁଶାର୍ପିତ ହୋଇଥିଲେ।

18 ଆମେମାନେ ହୃଦୟଙ୍ଗମ କରୁ ଯେ ଏଥିରେ, ଏହା କରିବା ଦ୍ୱାରା, ଏହା ଦେଖିବା ପରମେଶ୍ୱରଙ୍କୁ ଏତେ ପ୍ରସନ୍ନ କଲା ଯେ ଅବ୍ରହାମ ପୃଥିବୀରେ ଥିବା ସମସ୍ତ କିଛି ବସ୍ତୁଠାରୁ ତାହାଙ୍କୁ ଅଧିକ ଭଲ ପାଉଅଛନ୍ତି, ଏପରିକି ତାଙ୍କର ଏକମାତ୍ର ପୁତ୍ର ସୁଦ୍ଧା। ସେ ତାହାଙ୍କୁ

ସେସମସ୍ତ ବିଷୟର ଊର୍ଦ୍ଧ୍ୱରେ ପ୍ରେମ କରିଥିଲେ ଯାହାକି କେହି କିଛି କହିପାରିଥିଲେ, କେହି କିଛି କରିପାରିଥିଲେ, ସେ ତଥାପି ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବା ହେତୁ ତାହାଙ୍କୁ ଯଥେଷ୍ଟ ପ୍ରେମ କରିଥିଲେ ।

19 ଅବ୍ରହାମଙ୍କ ସମସ୍ତ ବଂଶ ପରମେଶ୍ୱରଙ୍କୁ ସେହିପରି ଭାବରେ ବିଶ୍ୱାସ କରନ୍ତି। ସେମାନେ ପରମେଶ୍ୱରଙ୍କୁ ବିଶ୍ୱାସ କରୁଛନ୍ତି। ଏବଂ ଆମେମାନେ ଜାଣୁ ଯେ ଏହା ପରମେଶ୍ୱରଙ୍କୁ ଏତେ ଅଧିକ ପ୍ରସନ୍ନ କଲା ଯେ ଏଠାରେ ତାହା ଅଛି ଯାହା ସେ କହିଥିଲେ, "ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ। ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ ।" ମନେରଖନ୍ତୁ, ତାହା ହେଉଛି **ସଦାପ୍ରଭୁ ଏହି କଥା କୁହନ୍ତି ।** ଅବ୍ରହାମଙ୍କ ବଂଶ ତାହା ବିଶ୍ୱାସ କରେ । ଯଦି ଆପଣ ଅବ୍ରହାମଙ୍କର ପ୍ରକୃତ ବୀଜ ଅଟନ୍ତି, ସେହି ବିଶ୍ୱାସ ଯାହାକି ଅବ୍ରହାମଙ୍କର ପରମେଶ୍ୱରଙ୍କଠାରେ ଥିଲା, ତାହା ଆପଣଙ୍କଠାରେ ଅଛି। ଏବଂ ଆପଣ ତାହା ବିଶ୍ୱାସ କରନ୍ତି ଯାହା ପରମେଶ୍ୱର କହିଥିଲେ, ପରମେଶ୍ୱର ଆପଣା ପ୍ରତିଜ୍ଞାକୁ ରକ୍ଷା କରନ୍ତି ।

20 ଏବଂ ସେ ଏହା କହିଥିଲେ, ତେବେ ମନେରଖନ୍ତୁ, ସେ କେବଳ ଅବ୍ରହାମଙ୍କୁ ଏକ ପରୀକ୍ଷା ଦେବା ପରେ ହିଁ ଏହି ପ୍ରତିଜ୍ଞାକୁ କରିଥିଲେ । ଅବ୍ରହାମଙ୍କର ବଂଶକୁ ପ୍ରଥମେ ପରୀକ୍ଷା କରାଯିବାକୁ ଅଛି, ଏହା ଦେଖିବା ହେତୁ ଯେ ଯଦି ସେମାନେ ପ୍ରକୃତରେ ବାକ୍ୟକୁ ବିଶ୍ୱାସ କରନ୍ତି କି ନାହିଁ । ମନେରଖନ୍ତୁ, ଏକମାତ୍ର ଉପାୟ ଯେ ସେ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ପାଳନ କରିପାରନ୍ତି, ତାହା ହେଉଛି ଯେହେତୁ ସେ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ବିଶ୍ୱାସ କରିଥିଲେ, ଏବଂ ପରୀକ୍ଷା କରାଯାଇଥିଲେ ଯେ ସେ ତାହା ବିଶ୍ୱାସ କରୁଛନ୍ତି କି ନାହିଁ ।

21 ଆମମାନଙ୍କୁ ସେହି ପରୀକ୍ଷାକୁ ଅଣାଯାଏ । ଅବ୍ରହାମଙ୍କ ବଂଶ, ଆଜି, ସେହି ପରୀକ୍ଷଣକୁ ଅଣାଯାଏ । କଅଣ ଆମେମାନେ ପରମେଶ୍ୱରଙ୍କ ବାକ୍ୟକୁ ଗ୍ରହଣ କରିବା, ନା ମନୁଷ୍ୟ ଏହା ବିଷୟରେ ଯାହା କହିଅଛି ତାକୁ ଗ୍ରହଣ କରିବା? କଅଣ ଆମେମାନେ ସେହି ବିଷୟକୁ ନେବା ଯାହା କୌଣସି ସଂଗଠନ ଏକ ଧର୍ମମତ ଭାବରେ ପ୍ରସ୍ତୁତ କରିଅଛି, ଏବଂ ତାହାକୁ ଗ୍ରହଣ କରିବା, ନା ଆମେମାନେ ସେହି ବିଷୟକୁ ଗ୍ରହଣ କରିବା ଯାହା ପରମେଶ୍ୱର କହିଛନ୍ତି? ଯଦି ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ, ତାହାହେଲେ ଆମେ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବା, ଏଥିରେ କିଛି ଯାଏ ଆସେ ନାହିଁ ଯେ ଅନ୍ୟ କିଛି ବିଷୟ କଅଣ ଅଟେ । ଆମେମାନେ ପ୍ରତ୍ୟେକ ମନୁଷ୍ୟର କଥାକୁ ମିଥ୍ୟା ବୋଲି କହୁ, ଏବଂ ପରମେଶ୍ୱରଙ୍କ ବାକ୍ୟକୁ ସତ୍ୟ ବୋଲି କହୁ । ଅବ୍ରହାମଙ୍କର ସେହି ପ୍ରକୃତ ବଂଶ! ମାତ୍ର ଏହା ପୂର୍ବେକି ଆପଣ ସେହି ପ୍ରକୃତ ବଂଶ ହୁଅନ୍ତି, ଆପଣଙ୍କୁ ତ, ଅବ୍ରହାମଙ୍କ ପରି, ସେହି ପରୀକ୍ଷା ଦେଇ ଯିବାକୁ ପଡିବ, ଯେପରିକି ସେ ନିଜେ ଯାଇଥିଲେ । ସେ କେବଳ ଅବ୍ରହାମଙ୍କୁ ପ୍ରତିଜ୍ଞା କରି ନ ଥିଲେ, ମାତ୍ର ତାଙ୍କର ବଂଶ ମଧ୍ୟ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ । ଓଃ, ମୋର ପ୍ରଭୁ!

22 କେବଳ ଚିନ୍ତା କରନ୍ତୁ, ସେହି ପିତୃପୁରୁଷ ଏଥିରେ ସମ୍ପୂର୍ଣ୍ଣ ଭାବରେ ଆଶ୍ୱସ୍ତ ଥିଲେ, ଯେ

ପରମେଶ୍ୱରଙ୍କ ବାକ୍ୟର ପ୍ରତିଜ୍ଞାର ତାଙ୍କ ପରୀକ୍ଷାରେ, ଠିକ୍ ଥିଲେ। ପରିସ୍ଥିତି ଯାହା ହେଉ ନା କାହିଁକି, ସେ ତଥାପି ବିଶ୍ୱାସ କରିଥିଲେ ଯେ ବାକ୍ୟ ଠିକ୍ ଥିଲା। ଅବ୍ରହାମ, ସେହି ମହାନ ପିତୃପୁରୁଷ, ବିଶ୍ୱାସରେ କେବେ ବି ଟଳମଳ ହୋଇ ନ ଥିଲେ, ଯେତେବେଳେ ତାଙ୍କୁ ସେହି ପରୀକ୍ଷଣ ସମୟକୁ ଅଣା ଯାଇଥିଲା। ସେ ବିଶ୍ୱାସ କରିଥିଲେ ଯେ ପରମେଶ୍ୱର ତାଙ୍କୁ ମୃତ୍ୟୁରୁ ଉତ୍‌ଥିତ କରିବାରେ ସକ୍ଷମ ଅଟନ୍ତି। ସେ ଏହାକୁ ବିଶ୍ୱାସ କରିଥିଲେ, କାରଣ ପରମେଶ୍ୱର ସେହି ପ୍ରତିଜ୍ଞା କରିଥିଲେ। ଏବଂ ଯେତେବେଳେ ପରମେଶ୍ୱର ଏକ ପ୍ରତିଜ୍ଞା କରିଥିଲେ ଯେ ସେ "ନାନା ଜାତିର ପିତା" ହେବେ, ଏବଂ ସେ ଏହା ବିଶ୍ୱାସ କରିଥିଲେ ଯେ ତାହା ସେହିପରି ହିଁ ଅଟେ। ସେ ଏହା ଜାଣି ନ ଥିଲେ ଯେ ତାହା କିପରି ହେବ। ସେ ପଚି-ଶ ବର୍ଷ, ବିଶ୍ୱାସ କରିବା ପରେ ଯାଇ, ସେତେବେଳେ ସେହି ଶିଶୁଟି ଆସିଥିଲା, ଏବଂ ତାହାପରେ ସେହି ଶିଶୁକୁ ନଷ୍ଟ କରିବାକୁ କୁହା ଯାଇଥିଲା, ସେ ତଥାପି ଜାଣିଥିଲେ ଯେ ପରମେଶ୍ୱରଙ୍କ ପ୍ରତିଜ୍ଞା ସତ୍ୟ ଅଟେ, ଏବଂ ସେ ନିଜ ପୁତ୍ରକୁ ଦାନ କରି ଦେଇଥିଲେ।

23 ତାଙ୍କର ବଂଶ, ସେହି ସମାନ କଥା! ପରମେଶ୍ୱରଙ୍କ ପ୍ରତିଜ୍ଞା ସେମାନଙ୍କ ପାଇଁ ସେହି ମୁଦ୍ରାଙ୍କ ଅଟେ, ଯେଉଁମାନେ ଅବ୍ରହାମଙ୍କ ବଂଶ ଅଟନ୍ତି। ସେହି ପ୍ରତିଜ୍ଞା ହେଉଛି ଏକ ମୁଦ୍ରାଙ୍କ, ଏକ ହସ୍ତାକ୍ଷର ହୋଇଥିବା ସାକ୍ଷୀ। ଏବଂ ଯେତେବେଳେ ଆମେମାନେ ପ୍ରତ୍ୟେକ ପ୍ରତିଜ୍ଞାତ ବାକ୍ୟକୁ ବିଶ୍ୱାସ କରୁ, ତେବେ ଯାଇ ସେହି ପ୍ରତିଜ୍ଞାକୁ ସୁନିଶ୍ଚିତ କରିବା ପାଇଁ, ଆମମାନଙ୍କୁ ସେହି ମୁଦ୍ରାଙ୍କକୁ ଦିଆଯାଏ। ଦେଖନ୍ତୁ, ଯଦି ଆମେମାନେ—ଯଦି ଆମେମାନେ, ଅବ୍ରହାମଙ୍କ ବଂଶ ହୋଇ, ଆମେମାନେ ସେହି ପରୀକ୍ଷା ଦେଇ ଯାଇଥାଉ ଯେ ଏହା ଦେଖିବା ହେତୁ ଯେ କଅଣ ଆମେମାନେ ବାଇବଲକୁ ବିଶ୍ୱାସ କରିବାକୁ ଯାଉଅଛୁ, କି ନାହିଁ, ସେହି ବାଇବଲ ହେଉଛି ପରମେଶ୍ୱରଙ୍କ ବାକ୍ୟ, କାରଣ ଏହା ପରମେଶ୍ୱର ଅଟନ୍ତି, ଏବଂ ତାହାପରେ ଆପଣ ପରୀକ୍ଷା ଦେଇ ଯିବା ପରେ, ବିଶ୍ୱାସ କରିଥାଆନ୍ତି।

24 ଯେତେବେଳେକି ସେମାନଙ୍କ ମଧ୍ୟରୁ କେତେକ କୁହନ୍ତି, "ଚମତ୍କାର ଦିନଗୁଡିକ ଅତିବାହିତ ହୋଇଯାଇଛି," ଯଦି ଆପଣ ତାହା ଗ୍ରହଣ କରିବେ, ତେବେ ତାହା ବାକ୍ୟର ବିରୋଧାଭାସୀ ଅଟେ।

25 ଯଦି ଆପଣ କହିବେ, "ଆଜି, ଆପଣ ପବିତ୍ରଆତ୍ମା ଗ୍ରହଣ କରନ୍ତି ନାହିଁ। ସେପରି କୌଣସି ବିଷୟ ହିଁ ନାହିଁ। କେବଳ ବାରଜଣ ପ୍ରେରିତ ହିଁ ଏହାକୁ ଗ୍ରହଣ କରିଥିଲେ।"

26 ବାକ୍ୟ କୁହେ, ପିତର ପେଣ୍ଟିକଷ୍ଟ ଦିନରେ ଏହାକୁ ପ୍ରଚାର କରୁଥିବାବେଳେ, ସେ କହିଥିଲେ, "ତୁମେମାନେ ପ୍ରତ୍ୟେକ ଜଣ, ମନଫେରଣ କର, ଏବଂ ପାପର କ୍ଷମା ପାଇଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ତାହାହେଲେ ତୁମେମାନେ ପବିତ୍ରଆତ୍ମାଙ୍କର ଦାନ ପ୍ରାପ୍ତ ହେବ। କାରଣ ଏହି ପ୍ରତିଜ୍ଞା ତୁମମାନଙ୍କ ପ୍ରତି, ଓ ତୁମର ସନ୍ତାନସଂତତିଙ୍କ ପ୍ରତି, ଏବଂ ଦୂରବର୍ତ୍ତୀ ଯେତେ ଲୋକଙ୍କୁ, ଏପରିକି ଯାହାଙ୍କୁ ସଦାପ୍ରଭୁ ଆମମାନଙ୍କର ପରମେଶ୍ୱର ଆହ୍ୱାନ କରିବେ।

27 ଏହାହିଁ ଠିକ ତାହା ଅଟେ ଯାହାକି ଏହାର ଅର୍ଥ। ଏହା ଅଟେ, ତେବେ ଯଦି ଆପଣ ସେହି ପରୀକ୍ଷାକୁ ନେବା ପାଇଁ ପ୍ରସ୍ତୁତ ଅଟନ୍ତି, ପରମେଶ୍ୱରଙ୍କ ଏସିଡ୍ ପରୀକ୍ଷାକୁ, ଏବଂ ସେହି ଔଷଧ ନିର୍ଦ୍ଧାରଣ ପତ୍ରକୁ ଅନୁସରଣ କରିବାକୁ ପ୍ରସ୍ତୁତ ଅଟନ୍ତି, ତାହାହେଲେ ମୁଁ ଆପଣଙ୍କୁ କହୁଛି, ଆପଣ ଏହା ଜାଣିବାକୁ ପାଇବେ ଯେ ପରମେଶ୍ୱର ତାହାଙ୍କର ବାକ୍ୟକୁ ରକ୍ଷା କରନ୍ତି, ଯଦି ଆପଣ ଏହାକୁ ବିଶ୍ୱାସ କରିବେ। ତାହା ଠିକ୍ ଅଟେ। ମାତ୍ର ଆପଣଙ୍କୁ ତ ତାହା ଦେଇ ଯିବାକୁ ଅଛି, କାରଣ ତାହା ହେଉଛି ସେହି ମୁଦ୍ରାଙ୍କ; ଯେତେବେଳେ ଆପଣ ଏହାକୁ ଗ୍ରହଣ କରିପାରିବେ, ତେବେ ଯାଇ ଆପଣ ସେହି ପ୍ରତିଜ୍ଞାକୁ ଗ୍ରହଣ କରିବେ। କାରଣ, ଏହା ପରମେଶ୍ୱରଙ୍କ ଔଷଧ ନିର୍ଦ୍ଧାରଣ ପତ୍ର ଅଟେ, ଯେପରି ଭାବରେ ଆମକୁ ଏହା କରିବା ଉଚିତ୍, ଏବଂ ସେହି ଉପାୟରେ ହିଁ ଆମକୁ ତାହା ଅନୁସରଣ କରିବାକୁ ଅଛି, ଠିକ ଯେପରି ଭାବରେ ସେ ଏହାକୁ କହିଛନ୍ତି। ବର୍ତ୍ତମାନ କେବଳ କେତେକଙ୍କୁ ନୁହେଁ, ବରଂ "ଯେକେହି," ଯେକେହି ବିଶ୍ୱାସ କରନ୍ତି, ଯେକେହି ମନଫେରଣ କରନ୍ତି, ଯେକେହି ବିଶ୍ୱାସ କରନ୍ତି। ଏହା ତ ସମସ୍ତ ପୀଢୀ, ସମସ୍ତ ଲୋକମାନଙ୍କ ପାଇଁ ଅଟେ, ଯେକେହି ଏହାକୁ ବିଶ୍ୱାସ କରିବାକୁ ଚାହାଁନ୍ତି। ଏବଂ ପରମେଶ୍ୱରଙ୍କ ବାକ୍ୟରେ ବିଶ୍ୱାସ ଆପଣଙ୍କୁ ଏହି ପ୍ରତିଜ୍ଞା ନିକଟକୁ ନେଇ ଆସିଥାଏ। ସେତେବେଳେ, ଏବଂ କେବଳ ସେତେବେଳେ ହିଁ, ଆପଣଙ୍କଠାରେ ସେହି ପ୍ରତିଜ୍ଞାର ମୁଦ୍ରାଙ୍କକୁ ଗ୍ରହଣ କରିବାର ଶକ୍ତି ରହିପାରିବ।

28 ଏବଂ ଯେଉଁ ପ୍ରତିଜ୍ଞା ଆମେମାନେ ଗ୍ରହଣ କରୁ, ସେହି ମୁଦ୍ରାଙ୍କ, ତାହା ହେଉଛି ପବିତ୍ରଆତ୍ମାଙ୍କ ବାପ୍ତିସ୍ମ। ତାହା ଠିକ୍ ଅଟେ। କାରଣ ତାହା ଆତ୍ମା ରୂପରେ ପରମେଶ୍ୱର ଅଟନ୍ତି, ଆପଣଙ୍କ ନିଜ ଭିତରେ ଆପଣ ତାହାଙ୍କର ବାକ୍ୟ ଅଟନ୍ତି, ତାହାପରେ ଯାଇ ସେ ଭିତରକୁ ଆସନ୍ତି। ଯଦି ଆପଣ ନିଜ ଭିତରେ ବାକ୍ୟକୁ ଗ୍ରହଣ କରନ୍ତି, ତେବେ ପବିତ୍ରଆତ୍ମା ହିଁ କେବଳ ସେହି ବିଷୟ ଅଟେ ଯାହାକି ତାକୁ ଜୀବନ୍ତ କରିପାରେ, ଏବଂ ତାହାପରେ ଆପଣଙ୍କ ପାଖରେ ସେହି ପ୍ରତିଜ୍ଞା ରହିଥାଏ ଯେ ଆପଣଙ୍କୁ ଆକ୍ରମଣ କରୁଥିବା ପ୍ରତ୍ୟେକ ଶତ୍ରୁର ନଗରଦ୍ୱାରକୁ ଆପଣ ଅଧିକାର କରିପାରିବେ। ତାହା ଠିକ୍ ଅଟେ। ପରମେଶ୍ୱର ଏହା ପ୍ରତିଜ୍ଞା କରିଥିଲେ, ଏବଂ ଏହା ସେହିପରି ହିଁ ଅଟେ।

29 ତେବେ, ମନେରଖନ୍ତୁ, ଆପଣ ଏହାକୁ କେବଳ ସେତେବେଳେ, ଏବଂ କେବଳ ସେତେବେଳେ ହିଁ, ବାକ୍ୟ ଦ୍ୱାରା ପରୀକ୍ଷା ହୋଇସାରିବା ପରେ, କରିପାରିବେ।

30 ଅବ୍ରହାମ ବାକ୍ୟ ଦ୍ୱାରା ପରୀକ୍ଷିତ ହୋଇଥିଲେ। "ଅବ୍ରହାମ, କଅଣ ତୁମେ ଏହା ବିଶ୍ୱାସ କରିବ କି, ଯେ ତୁମର ପୁତ୍ର ହେବ?"

"ହଁ।"

31 ସେହି ପୁତ୍ର ଆସିଲା। "ତେବେ ତାକୁ ବିନାଶ କରି ଦିଅ। ଅବ୍ରହାମ, କଅଣ ତୁମେ ତଥାପି ଏହାକୁ ବିଶ୍ୱାସ କରୁଛ କି?"

32 "ମୁଁ ତଥାପି, ଏହାକୁ ବିଶ୍ୱାସ କରେ, କାରଣ ତୁମେ ତାକୁ ମୃତ୍ୟୁରୁ ଉତ୍‌ଥିତ କରିବାକୁ ସମର୍ଥ ଅଟ।"

33 ଏବଂ ତାହା ପରେ, ସେ କହିଲେ, "ତେବେ, ତୁମର ବଂଶ ତାର ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ।" ଆମେନ୍! ପରୀକ୍ଷା ଆସିବା ପରେ!

34 ଆସନ୍ତୁ ଆମେମାନେ ଅବ୍ରହାମଙ୍କ କେତେକ ବୀଜକୁ, ପ୍ରାକୃତିକ ବୀଜରେ ଦେଖିବା। ଯାହାକି, ଆମେମାନେ ଆଜି ଆତ୍ମିକ ବୀଜ ଅଟୁ। ମାତ୍ର ଆସନ୍ତୁ ଆମେମାନେ ପ୍ରାକୃତିକ ବୀଜ ଦ୍ୱାରା, ସେମାନଙ୍କ ମଧ୍ୟରୁ କେତେକକୁ ଦେଖିବା, ଯେଉଁମାନେକି ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ପ୍ରତିଜ୍ଞାକୁ ବିଶ୍ୱାସ କରିଥିଲେ, ଏବଂ କଦାପି କୌଣସି ପ୍ରଶ୍ନ-...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

35 ମୁଁ କହିଲି, "ତେବେ ଯାହାକିଛି ବି ହେଉ, ଜଣେ ଖ୍ରୀଷ୍ଟିଆନ ଝିଅ କଅଣ ପାଇଁ ନିଜର ଆନ୍ତରିକ ବସ୍ତ୍ର ସ୍କର୍ଟ ଦେଖାଇବାକୁ ଚାହିଁବ? ମୁଁ ତାହା ବୁଝିପାରେ ନାହିଁ।"

36 ଆପଣ ତ ପରମେଶ୍ୱରଙ୍କଠାରୁ, ନୂତନ ଜନ୍ମ ପାଇଅଛନ୍ତି, ଆପଣଙ୍କ ପାଖରେ ତ ପବିତ୍ରଆତ୍ମାଙ୍କର ସୌନ୍ଦର୍ଯ୍ୟ ଅଛି ଯେ ଆପଣ ଦେଖାଇ ପାରିବେ ଯେ ଆପଣ କଅଣ ଅଟନ୍ତି। ଆପଣ ଅଟନ୍ତି, ଆପଣଙ୍କ ପାଖରେ ତ ସେହି ସଦ୍‌ଗୁଣ ରହିଛି ଯାହାକି ଏହି ନିନ୍ଦନୀୟ ସ୍କର୍ଟଗୁଡିକରେ ନାହିଁ, ତାହା ଠିକ୍, ପରମେଶ୍ୱରଙ୍କର ଜଣେ ପ୍ରକୃତ ନାରୀ, ଯିଏକି ସଦ୍‌ଗୁଣ ସହିତରେ ଅଲଗା ଛିଡା ହୁଅନ୍ତି, ହୁଏତ ଆପଣଙ୍କ ଉପରେ ଥଟ୍ଟା ପରିହାସ କରା ଯାଇପାରେ, ଏବଂ ପୁରୁଣାକାଳିଆ ଢଙ୍ଗର କୁହା ଯାଇପାରେ; ମାତ୍ର ଆପଣଙ୍କ ପାଖରେ ତ ଏପରି କିଛି ବିଷୟ ଅଛି ଯାହା ସେମାନେ ସ୍ପର୍ଶ କରିପାରନ୍ତି ନାହିଁ, ଏବଂ ତାହା ହରାଇଅଛନ୍ତି ଏବଂ ଏହାକୁ ଆଉ କଦାପି ପାଇପାରିବେ ନାହିଁ। ତାହା ଠିକ୍। ଆପଣଙ୍କ ପାଖରେ ସଦ୍‌ଗୁଣ ଅଛି। ତାହାହିଁ ଅଟେ ଯାହାକି ପରମେଶ୍ୱର ଖୋଜୁଅଛନ୍ତି, ତାହା ହେଉଛି ସଦ୍‌ଗୁଣ। ବୁଝିଲେ?

37 ମାତ୍ର ପ୍ରଥମ ବିଷୟ, ଯଦି ଆପଣଙ୍କ ମନରେ ଏକ ପ୍ରଶ୍ନ ଅଛି, ତେବେ ଆପଣ ଏହା ଆଦୌ କରନ୍ତୁ ନାହିଁ। ଯଦି ଆପଣଙ୍କ ମନରେ ଏକ ପ୍ରଶ୍ନ ଥାଏ ତେବେ ଆପଣ ଏକ ପ୍ରାର୍ଥନା ଧାଡିରେ ଆସନ୍ତୁ ନାହିଁ। ଆପଣ ସେପର୍ଯ୍ୟନ୍ତ ଆସନ୍ତୁ ନାହିଁ ଯେପର୍ଯ୍ୟନ୍ତକି ଆପଣ ଏହାକୁ ସମ୍ପୂର୍ଣ୍ଣ ରୂପେ, ଦୃଢ ଭାବରେ ବିଶ୍ୱାସ ନ କରି ଦିଅନ୍ତି, ଆପଣଙ୍କ ମନରେ ତିଳେ ମାତ୍ର ବି ସନ୍ଦେହ ନ ରୁହେ, ଆଦୌ ନୁହେଁ, ମାତ୍ର ଆପଣ ଯେ ସୁସ୍ଥ ହେବାକୁ ଯାଉଅଛନ୍ତି, ତାହାପରେ ଯାଇ ଆପଣ ଏହି ମଞ୍ଚରୁ ଜଣେ ସୁସ୍ଥ ବ୍ୟକ୍ତି ହୋଇ ଚାଲିଯିବେ। ତାହା ଠିକ ଅଟେ, ଯେତେବେଳେ ଆପଣଙ୍କ ମନରେ ଆଦୌ କୌଣସି, ପ୍ରଶ୍ନ ନ ରୁହେ। ଆପଣଙ୍କୁ ତ ପରମେଶ୍ୱରଙ୍କଠାରେ ବିଶ୍ୱାସ କରିବାକୁ ଅଛି, କୃତ୍ରିମ-ବିଶ୍ୱାସ ନୁହେଁ। ପ୍ରକୃତରେ ବିଶ୍ୱାସ କରିବାକୁ ଅଛି!

38 ଏବଂ ଅବ୍ରହାମଙ୍କ ବଂଶ ଏହାକୁ ବିଶ୍ୱାସ କରେ କାରଣ ବାକ୍ୟ ଏପରି କହିଅଛି, ଏବଂ ସେହି କାରଣରୁ ହିଁ ଆମେ ଏହାକୁ ବିଶ୍ୱାସ କରୁ। ଏହି ହେତୁରୁ ନୁହେଁ ଯେ କେହି ଜଣେ ଏହାକୁ ସମାଲୋଚନା କରିଛନ୍ତି, ଏହି ହେତୁ ନୁହେଁ ଯେ କେହି ଜଣେ ଏହାକୁ କହିଥିଲେ।

କାରଣ ପରମେଶ୍ୱର ଏହିପରି କହିଛନ୍ତି, ତାହା ଏହାକୁ ସତ୍ୟ ବୋଲି ପ୍ରତିପାଦିତ କରେ। ଯେତେବେଳେ ପରମେଶ୍ୱର ଏହାକୁ କୁହନ୍ତି, ତାହା ସମସ୍ତ ପ୍ରଶ୍ନକୁ ସମାଧାନ କରିଥାଏ। ସେ ହେଉଛନ୍ତି ଅନ୍ତିମ ବାକ୍ୟ। ସେ ହେଉଛନ୍ତି ଚରମ। ଯେତେବେଳେ ପରମେଶ୍ୱର କିଛି କୁହନ୍ତି, ତାହା ଏହାକୁ ସମାଧାନ କରେ। ଏହା ବିରୁଦ୍ଧରେ ଆଉ କିଛି ବି କୁହା ଯାଇପାରେ ନାହିଁ। "ପ୍ରତ୍ୟେକ ମନୁଷ୍ୟର କଥା ମିଥ୍ୟା ହେଉ, ଏବଂ ମୋର ସତ୍ୟ ହେଉ।"

39 ବର୍ତ୍ତମାନ ଯେତେବେଳେ ଆମେମାନେ ଏହି ବୀଜଗୁଡିକ ମଧ୍ୟରୁ କେତେକଙ୍କୁ ଦେଖୁଅଛିଉ, ଆସନ୍ତୁ ଚିନ୍ତା କରିବା। ଆମେମାନେ ଏବ୍ରୀ ବାଳକମାନଙ୍କ ବିଷୟରେ ଚିନ୍ତା କରୁ, ମୋ ପାଖରେ ଏଠାରେ ଅଛି, ସେହି ବିଷୟରେ ଚିନ୍ତା କରି, ଏବ୍ରୀ ବାଳକମାନଙ୍କ ଉପରେ, ଯେତେବେଳେ ସେମାନେ ପ୍ରତିମା ପୂଜା ବିରୁଦ୍ଧରେ ପରୀକ୍ଷା କରାଯାଇଥିଲେ। ତେବେ, ଆପଣମାନଙ୍କର ମନେ ଥିବ, ରାଜା କହିଥିଲେ, "ଯେକେହି ଏହି ପ୍ରତିମାକୁ ପ୍ରଣାମ ନ କରିବେ, ସେମାନଙ୍କୁ ଅଗ୍ନି କୁଣ୍ଡରେ ନିକ୍ଷେପ କରାଯିବ।" ତେବେ, ଏହି ପିଲାମାନେ ବିଶ୍ୱାସ କରିଥିଲେ ଯେ ପରମେଶ୍ୱରଙ୍କ ବାକ୍ୟ ଠିକ୍ ଅଟେ, ଯେ ସେମାନେ ଅନ୍ୟ କୌଣସି ପ୍ରକାରର ପ୍ରତିମାକୁ ପ୍ରଣାମ କରିବା ଉଚିତ୍ ନୁହେଁ, ମାତ୍ର ଯେତେବେଳେ ସେମାନେ ସେହି ଚରମ ପରାକାଷ୍ଠାକୁ ଆସିଲେ ଏବଂ ସେମାନଙ୍କୁ ପରୀକ୍ଷା କରାଗଲା ଯେ ସେମାନେ କରିବେ କି ନାହିଁ।

40 ଯେତେବେଳେକି, ସେଠାରେ ଥିବା ବାକି ସମସ୍ତ ପିଲାମାନେ ତାହାକୁ ଗ୍ରହଣ କରି ଦଣ୍ଡବତ କରିବାକୁ ଗଲେ, ସେମାନେ ଠିକ ସେହି ରାଜାଙ୍କ କହିଥିବା ମାର୍ଗରେ ଚାଲିଗଲେ। ସେମାନେ ସେହି ଦିନର ଲୋକପ୍ରିୟ ଚିନ୍ତାଧାରା ସହିତ ଚାଲିଗଲେ, ଯେ ସେମାନଙ୍କୁ ତାହା କରିବା ଉଚିତ୍।

41 ଏବଂ ଯେତେବେଳେ ସେମାନଙ୍କୁ ପରୀକ୍ଷା କରାଗଲା, ଯେ ସେମାନେ ପ୍ରତିମାକୁ ପ୍ରଣାମ କରିବେ କି ନାହିଁ ଏବଂ ପରମେଶ୍ୱରଙ୍କ ବାକ୍ୟକୁ ଭାଙ୍ଗିବେ କି ନାହିଁ, ସେତେବେଳେ ସେମାନେ ସେହି ବାକ୍ୟ ପ୍ରତି ସଚ୍ଚୋଟ ରହିଲେ। ପରିସ୍ଥିତି ନିର୍ବିଶେଷରେ, ସେମାନେ ବାକ୍ୟ ପ୍ରତି ସତ୍ୟ ଭାବରେ ରହିଲେ। ଏବଂ ଯେତେବେଳେ ସେମାନେ ସେମାନଙ୍କୁ ଅଗ୍ନିକୁଣ୍ଡରେ ନିକ୍ଷେପ କଲେ, ପରମେଶ୍ୱରଙ୍କ ପ୍ରତିଜ୍ଞା ପୂରଣ ହେଲା। ସେମାନେ ସେମାନଙ୍କର ଶତ୍ରୁମାନଙ୍କର ନଗରଦ୍ୱାରକୁ ଅଧିକାର କଲେ। ସେଠାରେ ସେମାନଙ୍କ ମଧ୍ୟରେ ଜଣେ ଚତୁର୍ଥ ବ୍ୟକ୍ତି ଛିଡା ହୋଇଥିଲେ, ଯାହାଙ୍କ ପାଖରେ ସେହି ଅଗ୍ନିରୁ ଉତ୍ତାପକୁ ବାହାର କରିଦେବାର ଚାବିକାଠି ରହିଥିଲା, ଏବଂ ଏହା ସେମାନଙ୍କୁ ମୁକ୍ତ କରିବା ବ୍ୟତୀତ ଆଉ କିଛି କରିପାରି ନ ଥିଲା। ଆମେନ୍।

42 ଯେତେବେଳେ ଜଣେ ପୁରୁଷ କିମ୍ବା ଜଣେ ସ୍ତ୍ରୀଲୋକ ସେହି ପରୀକ୍ଷା ନେବାକୁ, ସେହି ଏସିଡ୍ ପରୀକ୍ଷା ନେବାକୁ ପ୍ରସ୍ତୁତ ଥାଆନ୍ତି!

43 ଆପଣ ଦେଖନ୍ତୁ, ସେମାନଙ୍କୁ ନିଆଁ ଭିତରକୁ ଯିବାକୁ ପଡିଥିଲା। ଏବଂ ଯେତେବେଳେ

ସେମାନେ ତାହା କଲେ, ସେମାନେ ନିଆଁରେ ଥିଲେ, ଏବଂ ଏକମାତ୍ର ବିଷୟ ଯାହା ଘଟିଥିଲା, ଯାହାକି ଏହି ଅଗ୍ନିମୟ ପରୀକ୍ଷା କେବଳ ଉନ୍ମୁକ୍ତ କରିଥିଲା, ତାହା ହେଲୀ ସେମାନଙ୍କ ହାତରୁ ସେହି—ସେହି ବନ୍ଧନକୁ କାଢି ଦେବା ।

44 ଅନେକ ଥର, ପରମେଶ୍ୱର ଆମକୁ ହେବାକୁ ଦିଅନ୍ତି, ଯେତେବେଳେ ଆମେ ଜଗତ ସହିତ ସମସ୍ତ ପ୍ରକାରେ ମିଶି ଯାଇଥାଉ, ବନ୍ଧନରେ ବାନ୍ଧି ହୋଇ ଯାଇଥାଉ, ସେତେବେଳେ ସେ ଆମ ଉପରେ ସେହି ଅଗ୍ନିମୟ ପରୀକ୍ଷାଗୁଡିକୁ ଆସିବାକୁ ଦିଅନ୍ତି, ଯେଉଁଠାରେକି ଆମକୁ ଏକ ନିଷ୍ପତ୍ତି ନେବାକୁ ପଡିଥାଏ । ଏବଂ ଯେତେବେଳେ ଆମେମାନେ ତାହା କରୁ, ଗୋଟିଏ ମାତ୍ର ବିଷୟ ଯାହା ସେହି ପରୀକ୍ଷା କରିପାରେ, ତାହା ହେଲା ଯେତେବେଳେ ଅବ୍ରହାମଙ୍କର ଏକ ପ୍ରକୃତ ବୀଜ ଏକ ନିଷ୍ପତ୍ତିର ସେହି—ସେହି ଚାରି ଛକରେ ଛିଡା ହୋଇଥାଆନ୍ତି, ଏବଂ ସେ ପରମେଶ୍ୱରଙ୍କୁ ସେବା କରିବାର ତାଙ୍କର ନିଷ୍ପତ୍ତିକୁ ନିଅନ୍ତି, ଏହା କେବଳ ସେହି ବନ୍ଧନଗୁଡିକୁ କାଟି ଦେଇପାରେ ଏବଂ ଆମକୁ ମୁକ୍ତ କରି ଦେଇପାରେ । ଶୟତାନ ଆପଣଙ୍କୁ ଏକ ରୋଗ ଦେଇପାରେ । ସେ ହୁଏତ ଆପଣଙ୍କୁ ଗୋଟିଏ, ପୁଣି ଅନ୍ୟ ଗୋଟିଏ ଜିନିଷ ଦେଇପାରେ । ଆପଣ ଏହା କିପରି ଜାଣନ୍ତି ଯେ ଏହା ପରମେଶ୍ୱର ନୁହଁନ୍ତି ଯିଏକି ଆପଣଙ୍କୁ ସେହି ଚାରି ଛକକୁ ଆଣିଛନ୍ତି, ଏହା ଦେଖିବା ପାଇଁ ଯେ ଆପଣ କେଉଁ ପ୍ରକାରର ଏକ—ଏକ—ଏକ ନିଷ୍ପତ୍ତିକୁ ଗ୍ରହଣ କରିବେ?

45 ସେମାନେ ଅଗ୍ନିର ସେହି ଦ୍ୱାରକୁ ଅଧିକାର କରିଥିଲେ । ସେହି ନିଆଁ ସେମାନଙ୍କୁ ପୋଡି ପାରି ନ ଥିଲା । ଏପରିକି ସେମାନଙ୍କ ଉପରେ ନିଆଁର ଏକ ଗନ୍ଧ ସୁଦ୍ଧା ରହି ନ ଥିଲା, କାରଣ ସେମାନେ ଜାଣିଥିଲେ ଯେ ସେମାନେ ଅବ୍ରହାମଙ୍କ ବଂଶ ଅଟନ୍ତି, ଏବଂ ସେମାନେ ପରମେଶ୍ୱର ଏବଂ ତାହାଙ୍କ ବାକ୍ୟ ପାଇଁ ଛିଡା ହୋଇଥିଲେ । ସେମାନେ ଶତ୍ରୁଗଣର ସେହି—ସେହି ନଗରଦ୍ୱାରକୁ ଅଧିକାର କରିଥିଲେ, ଏବଂ ଅଗ୍ନି ସେମାନଙ୍କୁ ପୋଡି ପାରି ନ ଥିଲା, କାରଣ ସେମାନେ ନଗରଦ୍ୱାରକୁ ଅଧିକାର କରିଥିଲେ ।

46 ପରେ, ସେଠାରେ ଦାନିୟେଲ ନାମରେ, ଜଣେ ଜଣେ ବ୍ୟକ୍ତି, ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ । ସେ କରିଥିଲେ…ତାଙ୍କର ମଧ୍ୟ ଏକ ପରୀକ୍ଷା ରହିଥିଲା ଯେ ସେ ଏକମାତ୍ର ସତ୍ୟ ପରମେଶ୍ୱରଙ୍କ ସେବା କରିବେ, କି ନାହିଁ । ଏବଂ ଯେତେବେଳେ ଏହା ସେହି ସମୟକୁ ଆସିଲା, ଯେ ସେ ଏକମାତ୍ର ସତ୍ୟ ପରମେଶ୍ୱରଙ୍କ ସେବା କରିବେ, କି ଅନ୍ୟ ଏକ ପ୍ରତିମାପୂଜକ ଦେବତାଙ୍କ ଉପାସନା କରିବେ, ସେ ତାହା କରିବାକୁ ନାସ୍ତି କଲେ; ଏବଂ ପର୍ଦ୍ଦାଗୁଡିକୁ ପକାଇଦେଲେ, ଏବଂ ପ୍ରତିଦିନ, ତାଙ୍କର ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । ଏବଂ ଏହା ଦ୍ୱାରା ସେ ଧରାଗଲେ, ଓ ସେହି ଦେଶର ଆଇନ ଦଣ୍ଡ ଅନୁସାରେ, ଏକ ସିଂହ ଗୁମ୍ଫାରେ ନିକ୍ଷେପ କରାଗଲେ । ଦଳେ ଭୋକିଲା ସିଂହ ତାଙ୍କ ପଛରେ ଗର୍ଜନ କରିଥିଲେ । ସେ କଅଣ କଲେ? ସେ ତାଙ୍କର ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିଥିଲେ । ସିଂହମାନେ ତାଙ୍କୁ ଖାଇ ପାରିଲେ ନାହିଁ । ପରମେଶ୍ୱର ଏକ ଅଗ୍ନିସ୍ତମ୍ଭକୁ ତଳକୁ ପଠାଇଲେ,

ଜଣେ ଦୂତକୁ ଯିଏକି ତାଙ୍କର ଓ ସିଂହ ମଧ୍ୟରେ ଛିଡା ହୋଇଗଲେ ।

47 ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ, କାରଣ ସେ ଏହା ଦେଖାଯିବା ନିମନ୍ତେ ପରୀକ୍ଷା କରାଗଲେ ଯେ ଜଣେ ସତ୍ୟ ପରମେଶ୍ୱରଙ୍କୁ ଉପାସନା କରିବେ, ନା ଏକ ଡଜନ ପ୍ରତିମାପୂଜକ ଦେବତାମାନଙ୍କୁ ଉପାସନା କରିବେ । ତେଣୁ ସେ ପରୀକ୍ଷାର ସମ୍ମୁଖିନ ହେଲେ, ଏବଂ ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ । ଏପରିକି ସିଂହ ତାଙ୍କୁ ଛୁଇଁ ସୁଦ୍ଧା ପାରିଲା ନାହିଁ, କାରଣ ପରମେଶ୍ୱର ତାଙ୍କ ସହିତରେ ଥିଲେ । ପରମେଶ୍ୱରଙ୍କ ପ୍ରତିଜ୍ଞା ସତ୍ୟ ରହିଲା, କାରଣ ସେ ଅବ୍ରହାମଙ୍କର ଜଣେ ପ୍ରକୃତ ବୀଜ ଥିଲେ ।

48 ମୋଶା, ଓଃ, ଆଉ ଜଣେ ମହାନ ବ୍ୟକ୍ତି । ତାଙ୍କୁ ମଧ୍ୟ, ଏହା ଦେଖିବା ପାଇଁ ପରୀକ୍ଷା କରାଯାଇଥିଲା ଯେ ସେ ପରମେଶ୍ୱର ଦତ୍ତ ପ୍ରତିଜ୍ଞାରେ ଛିଡା ହେବେ କି ନାହିଁ । "ଯେତେବେଳେ ତୁମେ ସେଠାକୁ ଯାଅ ମୁଁ ତୁମ ସହିତରେ ରହିବି ।" ଏବଂ ଯେତେବେଳେ ସେ ତାଙ୍କ ବରଦାନର ନକଲକାରୀମାନଙ୍କ ସମ୍ମୁଖରେ ଛିଡା ହେଲେ, ଜନ୍ନେସ୍ ଏବଂ ଜମ୍ବ୍ରେସ୍ ସେଠାରେ ଛିଡା ହୋଇ ଠିକ ସେହି ବିଷୟକୁ ନକଲ କରିବାକୁ ଚେଷ୍ଟା କରିଥିଲେ ଯାହା ମୋଶାଙ୍କୁ କରିବା ପାଇଁ ଆଦେଶ ଦିଆଯାଇଥିଲା । ଏବଂ ପରମେଶ୍ୱର ତାଙ୍କୁ ଡାକିଥିଲେ, ଏବଂ ସେ ଜାଣିଥିଲେ ଯେ ସେ ହିଁ ଏହି କାର୍ଯ୍ୟ କରିବା ନିମନ୍ତେ ଭାରପ୍ରାପ୍ତ ଅଟନ୍ତି, ଏବଂ ସେ ସେଠାରେ ଛିଡା ହୋଇ ସେହି ଚମତ୍କାରକୁ ସାଧନ କଲେ ଯେପରି ପରମେଶ୍ୱର ତାଙ୍କୁ ଏହା କରିବା ପାଇଁ କହିଥିଲେ । ଏବଂ ଏଠାରେ ସେହି ନକଲକାରୀମାନେ ମଧ୍ୟ, ଠିକ ସେହି ସମାନ କାର୍ଯ୍ୟକୁ କରିବା ପାଇଁ ଛିଡା ହୋଇଥିଲେ, ମାତ୍ର ଏହା ମୋଶାଙ୍କୁ ବ୍ୟତିବ୍ୟସ୍ତ କଲା ନାହିଁ । ସେ ପରମେଶ୍ୱରଙ୍କ ବାକ୍ୟ ପ୍ରତି ସଚ୍ଚୋଟ ରହିଲେ, ଏବଂ ସେ ଶତ୍ରୁଗଣର, ନଗରଦ୍ୱାରକୁ ଅଧିକାର କରିଥିଲେ, ଆମେନ୍, କାରଣ ସେ ପରମେଶ୍ୱରଙ୍କ ପ୍ରତିଜ୍ଞା ପ୍ରତି ସଚ୍ଚୋଟ ରହିଥିଲେ, ଏଥିରେ କିଛି ଫରକ୍ ପଡ଼ି ନ ଥିଲା ଯେ କିଏ ଏହାକୁ ନକଲ କରିବାକୁ ଚେଷ୍ଟା କରୁଥିଲା ।

49 ପ୍ରତ୍ୟେକ ଖ୍ରୀଷ୍ଟିଆନଙ୍କ ପାଇଁ ତାହା କି ଏକ ଶିକ୍ଷା ଅଟେ! ଯେତେବେଳେ ଆପଣ ଚାରିଆଡେ ଅନାନ୍ତି ଏବଂ ଗୋଟିଏ କପଟୀକୁ ଦେଖନ୍ତି, ଆପଣ କେବଳ ମନେ ରଖିଥାଆନ୍ତୁ ଯେ ସେ ଏକ ପ୍ରକୃତ ବିଷୟକୁ ନକଲ କରିବାକୁ ଚେଷ୍ଟା କରୁଅଛି । ମାତ୍ର, ଏହାର ଅର୍ଥ କେବଳ ତାହା ଯେ ସେଠାରେ ଜଣେ ଅଛି ଯାହାକି ଅସଲି ଅଟନ୍ତି । ପରମେଶ୍ୱରଙ୍କ ବାକ୍ୟ ପ୍ରତି ସଚ୍ଚୋଟ ରହିବା! ଯାଏ ଆସେ ନାହିଁ ଯେ କଅଣ ଆସେ କଅଣ ଯାଏ, ସେ ଆପଣା ପ୍ରତିଜ୍ଞାକୁ ରକ୍ଷା କରନ୍ତି । ହଁ, ଦାନିୟେଲ ପରମେଶ୍ୱରଙ୍କ ବାକ୍ୟ ପ୍ରତି ସଚ୍ଚୋଟ ରହିଥିଲେ ।

50 ଏଥିରେ କିଛି ଫରକ୍ ପଡିଲା ନାହିଁ ଯେ କେତେଜଣ ତାଙ୍କୁ ନକଲ କରିବାକୁ ଚେଷ୍ଟା କରିଥିଲେ, ଏବଂ ଅନ୍ୟ ସବୁ କିଛି ବିଷୟ କରିଥିଲେ, ସେ ତ ସଚ୍ଚୋଟ ରହିଲେ । ଏବଂ ସେ ଏକ ଉଦ୍ଦେଶ୍ୟ ନିମନ୍ତେ ଆସିଥିଲେ, ଯେ ଇସ୍ରାଏଲକୁ ମିସରରୁ ବାହାର କରି, ସେମାନଙ୍କୁ ପ୍ରତିଜ୍ଞାତ ଦେଶ ଭିତରକୁ ନେଇଯିବେ । ଏବଂ ଯେତେବେଳେ ଏହା ସେମାନଙ୍କ ପାଇଁ ମିସରରୁ ବାହାରି, ପ୍ରତିଜ୍ଞାତ ଦେଶ ମଧ୍ୟକୁ ଯିବାର ସମୟ ଆସିଲା, ସେଠାରେ ମାର୍ଗରେ

ମୃତ ସାଗର ଛିଡା ହୋଇଗଲା । ଏବଂ ସେ ସେହି ଜଳର ନଗରଦ୍ୱାରକୁ ଅଧିକାର କଲେ, ଏବଂ ଦ୍ୱାରଗୁଡ଼ିକ ଫିଟିଗଲା । ଏବଂ ସେହି—ସେହି ଜଳଗୁଡିକ ପଛକୁ ଘୁଞ୍ଚି ଗଲା, ଏବଂ ମୋଶା ଇସ୍ରାଏଲକୁ ପ୍ରାନ୍ତର ମଧ୍ୟକୁ କଢାଇ ନେଲେ, ଏବଂ ସେହି ପର୍ବତକୁ ନେଇ ଗଲେ ଯେଉଁଠାରେ ସେମାନଙ୍କୁ ଆଣିବା ନିମନ୍ତେ ପରମେଶ୍ୱର ଆଦେଶ ଦେଇଥିଲେ । ଆମେନ୍ । ସେ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିଥିଲେ ।

51 ତାଙ୍କ ପିତା, ଅବ୍ରହାମଙ୍କଠାରେ, ସେହି ପ୍ରତିଜ୍ଞା ରହିଥିଲା, ଯେ ତାଙ୍କର ପ୍ରକୃତ ବୀଜ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ । ଏବଂ ଜଳର ଫାଟକଗୁଡିକ ବନ୍ଦ ହୋଇଗଲା, ଏବଂ ସେ ତାହା ଦେଇ ଯାଇ ପାରିଲେ ନାହିଁ, ଏବଂ ତାହା ସେହି କର୍ତ୍ତବ୍ୟର ପଥ ଥିଲା । ତାଙ୍କୁ ସେହି ସନ୍ତାନମାନଙ୍କୁ ସେହି ପର୍ବତକୁ ନେଇକରି ଆସିବାକୁ ଥିଲା । ପରମେଶ୍ୱର ତାଙ୍କୁ ଏହା କହିଥିଲେ । ଆଉ ସେହି ପଥରେ ଦ୍ୱାର ଛିଡା ହୋଇ ଯାଇଥିଲା, ଓ ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥିଲେ ।

52 ଅଳ୍ପ ସମୟ ଉତ୍ତାରେ, ଯିହୋଶୂୟ, ଯେତେବେଳେ ସେମାନେ କାଦେଶ-ବର୍ଣ୍ଣିଆକୁ ଆସିଲେ, ଯାହାକି ସେହି ସମୟରେ ଜଗତର ବିଚାର ଆସନ ଥିଲା, ଯେଉଁଠାରେ ଇସ୍ରାଏଲ ତାର ବିଚାରର ସମ୍ମୁଖୀନ ହୋଇଥିଲା । ଆମେ ଯିହୋଶୂୟକୁ କାଲେବଙ୍କ ସହିତ ପାଉ, ଏବଂ ଅନ୍ୟ ବାରଜଣଙ୍କୁ…କିମ୍ବା—କିମ୍ବା ଅନ୍ୟ ଦଶ ଜଣଙ୍କୁ ପାଉ । ପ୍ରତ୍ୟେକ ଗୋଷ୍ଠୀ ମଧ୍ୟରୁ ଜଣ ଜଣକାକୁ ସେହି ଦେଶକୁ ଗୁପ୍ତଚରି କରିବା ପାଇଁ ପଠାଯାଇଥିଲା ଯେଉଁ ଦେଶକି ସେମାନେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ଥିଲେ ।

53 ଏବଂ ଯେତେବେଳେ ସେମାନେ ସେହି ପ୍ରକାଣ୍ଡ ମହାକାୟ ଲୋକମାନଙ୍କୁ ସେଠାରେ ଛିଡା ହୋଇଥିବାର ଦେଖିଲେ, ସେମାନଙ୍କ ମଧ୍ୟରୁ ଦଶ ଜଣ ଏତେ ଖରାପ ଅନୁଭବ କଲେ, ଯେ ସେମାନେ କହିଲେ, "ଆମେମାନେ ଏହାକୁ ଅଧିକାର କରିପାରିବା ନାହିଁ । ଏହା ବହୁତ ବଡ ଅଟେ । କାହିଁକି, ଆମ ବିରୁଦ୍ଧରେ ପାଖରେ ଥିବା ସେହି ବିରୋଧୀ ଦଳକୁ ଦେଖନ୍ତୁ ।" ମାତ୍ର ଯେତେବେଳେ ସେମାନେ ସେହି ସମାଚାର ନେଇ ଫେରି ଆସିଲେ, ସେମାନେ ଏକ କୁଖ୍ୟାତିର ସମାଚାର ଆଣିଲେ ।

54 ସେମାନେ କାହିଁକି ଅବା ଏକ କୁଖ୍ୟାତିର ସମାଚାର ଆଣିବେ, ଯଦି ପରମେଶ୍ୱର ସେମାନଙ୍କୁ କହିଥିଲେ ଯେ, "ମୁଁ ତୁମକୁ ସେହି ଦେଶ ଦେଇଅଛି; ଏହା ତୁମର ଅଟେ"? ସେ ସେମାନଙ୍କୁ ତଳେ ମିସରରେ କହିଥିଲେ, "ମୁଁ ତୁମକୁ ଏହି ଦେଶ ଦେଇଅଛି, ଏହା ଏକ ଉତ୍ତମ ଦେଶ, ଏହା ଦୁଗ୍ଧ ଓ ମଧୁରେ ପ୍ରବାହିତ ହେଉଅଛି ।"

55 ମାତ୍ର ଯେତେବେଳେ ସେମାନେ ଏତେ ବଡ ଆକାରର ବିରୋଧକୁ ଦେଖିଲେ, ସେମାନଙ୍କ ମଧ୍ୟରୁ ଦଶ ଜଣ ଫେରି ଆସିଲେ ଓ କହିଲେ, "ଆମେ ଏହା କରିପାରିବା ନାହିଁ ।"

56 ଏହା ତ ଯିହୋଶୂୟ ଥିଲେ, ସେ ଲୋକମାନଙ୍କୁ ଚୁପ୍ କରାଇଲେ, ଓ କହିଲେ, "ଆମେମାନେ ଏହାକୁ ଅଧିକାର କରିବାଠାରୁ ଅଧିକ ସକ୍ଷମ ଅଟୁ । ଆମେମାନେ ଅଧିକ

ସକ୍ଷମ ଅଟୁ!" କାରଣ କାହିଁକି? ସେ ପ୍ରତିଜ୍ଞାକୁ ଅନାଇ ରହିଥିଲେ। ସେ ଅବ୍ରହାମଙ୍କର ଏକ ପ୍ରକୃତ ବୀଜ ଥିଲେ। ବିରୋଧ ଯେତେ ହେଉ ନା କାହିଁକି, "ଆମ୍ଭେମାନେ ନଗରଦ୍ୱାରକୁ ଅଧିକାର କରିପାରୁ, କାରଣ ପରମେଶ୍ୱର ସେହି ଦେଶର ପ୍ରତିଜ୍ଞା କରିଥିଲେ।" ଏବଂ ସେ ନଗରଦ୍ୱାରକୁ ଅଧିକାର କଲେ।

57 ପରେ, ଯେତେବେଳେ ସେ ଇସ୍ରାଏଲ ସନ୍ତାନମାନଙ୍କୁ ନଦୀ ନିକଟକୁ ନେଇ କରି ଆସିଲେ। ସେଠାରେ, ଏପ୍ରିଲ୍ ମାସରେ, ସେହି ବିରାଟ ନଦୀଟି, ଉଚ୍ଛୁଳି ଉଠୁ ଥାଏ। ଯର୍ଦ୍ଦନ ନଦୀ ପର୍ବତରୁ ତଳକୁ ଆସି, ସମତଳ ଭୂମିରେ ବ୍ୟାପ୍ତ ହେଉଥିଲା। ଏପରି ଦେଖାଯାଉଥିଲା ଯେ ସେମାନଙ୍କର ସେଠାରେ ରହିପାରିବା ହେତୁ, ତାହା ବର୍ଷର, ସବୁଠୁ ଖରାପ ସମୟ ଥିଲା। କିନ୍ତୁ, ତଥାପି, ସେ ଅବ୍ରହାମଙ୍କ ବଂଶ ଥିଲେ। ସେ ଜାଣିଥିଲେ ଯେ ତାଙ୍କ ପାଖରେ ଏକ ପ୍ରତିଜ୍ଞା ରହିଅଛି, ଏବଂ ସେ କର୍ତ୍ତବ୍ୟ ପଥରେ ଥିଲେ। ପରମେଶ୍ୱର ତାଙ୍କୁ ଏକ ଦର୍ଶନ ଦେଇଥିଲେ, ଯେ ଏହାକୁ କିପରି କରିବାକୁ ଅଛି, ଏବଂ ସେ ନଦୀର ନଗରଦ୍ୱାରକୁ ଅଧିକାର କରିଥିଲେ। ଯେତେବେଳେ ସେହି ଦ୍ୱାରଗୁଡିକ ଫିଟି ଗଲା, ପାଣି ପଛକୁ ଫେରି ପର୍ବତ ଉପରକୁ ଚାଲିଗଲା। ଏବଂ ଯିହୋଶୂୟ ଓ ଇସ୍ରାଏଲ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କଲେ, ଓ ଅତିକ୍ରମ କରି ପ୍ରତିଜ୍ଞାତ ଦେଶ ମଧ୍ୟକୁ ଚାଲିଗଲେ, କାରଣ ପରମେଶ୍ୱର ସେମାନଙ୍କୁ ତାହା କରିବାକୁ କହିଥିଲେ। ଅବ୍ରହାମଙ୍କର ପ୍ରକୃତ ବୀଜ!

58 ଭାଇ ଓ ଭଉଣୀମାନେ, ଯେତେବେଳେ ସେ ସେଠାରେ ପହଞ୍ଚିଲେ, ଯିରୀହୋ ସର୍ବତ୍ର ପାଚେରୀ ବିଶିଷ୍ଟ ରହିଥିଲା, ଏତେ ଉଚ୍ଚ ଥିଲା ଯେ ସେମାନେ ତାର ଉପରେ ତିନୋଟି ରଥ ଚଲାଇ ପାରିବେ। ଏହି ଇସ୍ରାଏଲୀୟମାନେ କିପରି ବା ସେହି ମାଗି ଆଣିଥିବା, କେଉଁଠାରୁ ଗୋଟା ଯାଇଥିବା ଖଣ୍ଡମାନ, ଏବଂ ସବୁକିଛି, ଓ ଠେଙ୍ଗା ପୁଣି ପଥର ସହିତରେ କରି ପାରିଥାନ୍ତେ, ସେମାନେ ସେଠାକୁ କିପରି ପ୍ରବେଶ କରିବାକୁ ଯାଉଥିଲେ? ମାତ୍ର ସେ ତଥାପି ଅବ୍ରହାମଙ୍କ ବଂଶ ଥିଲେ। ପରମେଶ୍ୱର ତାଙ୍କୁ ଏକ ଦର୍ଶନ ଦେଇଥିଲେ, ଏହାକୁ କିପରି କରିବାକୁ ଅଛି ତାହା କହିଥିଲେ, କହିଲେ, "ଗୋଟିଏ ତୂରୀ ଶବ୍ଦ କରିବ।" ଆମେନ୍। ତାହାହିଁ ଏହା ଅଟେ। "ଏକ ବହୁତ ବଡ଼ ଚିତ୍କାର କରି, କାନ୍ଥ ଆଡ଼କୁ ମାଡିଯିବ, ତେବେ ସେହି ଫାଟକଗୁଡ଼ିକ ତୁମ ସମ୍ମୁଖରେ ଭୁଷୁଡି ପଡ଼ିବ।" ଆମେନ୍! ସେ ଅବ୍ରହାମଙ୍କର ଏକ ରାଜକୀୟ ବୀଜ ଥିଲେ, ସେ ପରମେଶ୍ୱରଙ୍କର ଏକ ପ୍ରକୃତ ବିଶ୍ୱାସୀ ଥିଲେ। "ତୁମ ସମ୍ମୁଖରେ ଫାଟକଗୁଡିକ ଭୁଷୁଡି ପଡ଼ିବ। ଏକ ବହୁତ ବଡ଼ ଚିତ୍କାର କରି, ତୂରୀଶବ୍ଦ କରିବ। ତାହାହିଁ ସବୁକିଛି ଯାହା ତୁମକୁ କରିବାକୁ ପଡିବ।" ଆଉ କଅଣ ଘଟିଲା? ସେହି ଫାଟକଗୁଡିକ ଭୁଷୁଡି ପଡ଼ିଲା, ଓ ଯିହୋଶୂୟ ସେହି ନଗରକୁ ଅଧିକାର କରି ନେଲେ।

59 ଆଉ ଟିକିଏ ପରେ, ଆମେମାନେ ପାଉ ଯେ ଶତ୍ରୁ ପରାସ୍ତ ହେଉଥିଲା ଓ ପଛ ମାଡି ଯାଉଥିଲା, ଏବଂ ଏହା ପରେ, ଏପରିକି ସେ ସୂର୍ଯ୍ୟକୁ ମଧ୍ୟ ତାର ପଥରେ ଅଟକାଇ ଦେଇଥିଲେ। ଯେପରିକି ମୁଁ ଅନ୍ୟ ଦିନ ସକାଳେ ସେହି *ବିରୋଧାଭାସ* ଉପରେ କଥା

କହିଥିଲି, ସେ ସେପର୍ଯ୍ୟନ୍ତ ସୂର୍ଯ୍ୟଙ୍କୁ ଅଟକାଇ ଦେଇଥିଲେ ଯେପର୍ଯ୍ୟନ୍ତକି ସେ ତାଙ୍କ ଶତ୍ରୁର ନଗରଦ୍ୱାରକୁ ଅଧିକାର ନ କରି ପକାଇଲେ। ଆମେନ୍। ସେ ଜାଣିଥିଲେ ଯେ ଯଦି ସେହି ଶତ୍ରୁ ପୁନର୍ବାର ଏକାଠି ହୋଇଯିବାର ସୁଯୋଗ ପାଏ, ଯାହାକି ସେମାନେ ସେତେବେଳେ ଛିନ୍ନଛତ୍ର ଥିଲେ, ଏବଂ ସୂର୍ଯ୍ୟ ଅସ୍ତ ହେବାକୁ ଯାଉଥିଲା, ଏବଂ ଇମୋରୀୟମାନେ, ଓ ଅମାଲେକୀୟମାନେ, ଓ ଇତ୍ୟାଦିମାନେ, ସମ୍ପୂର୍ଣ୍ଣ ଭାବେ ଛିନ୍ନଛତ୍ର ହୋଇ ଯାଇଥିଲେ, ଯଦି ସେମାନେ କେବେ ପୁନର୍ବାର ଏକାଠି ହୋଇଯିବେ, ଓ ଏକାଠି ଆସିଯିବେ, ତେବେ ସେମାନଙ୍କୁ ପୁନର୍ବାର ହରାଇବା ପାଇଁ ତାଙ୍କୁ ବହୁତ କଷ୍ଟ କରିବାକୁ ହେବ। ଏବଂ ସେଠାରେ କେବଳ ଗୋଟିଏ ହିଁ ବିଷୟ ଥିଲା ଯାହାକି ଅଟକାଉ ଥିଲା, ତାହା ଥିଲା ସମୟ, ଆଉ ସେ ସମୟକୁ ଅଟକାଇ ଦେଇଥିଲେ। ଆମେନ୍! ଆମେନ୍! ସେଠାରେ ଗୋଟିଏ ଜିନିଷ ତାଙ୍କୁ ପ୍ରତିଜ୍ଞାଠାରୁ ଦୂରକୁ ରଖୁଥିଲା, ତାହା ହେଲା ସୂର୍ଯ୍ୟ, ପ୍ରକୃତି ନିଜେ ଅତିକ୍ରମ କରୁଥିଲା, ଏବଂ ସେ ପ୍ରକୃତିକୁ ଅଟକାଇ ଦେଇଥିଲେ। କାହିଁକି? ସେ ଅବ୍ରହାମଙ୍କର ଏକ ବଂଶ ଥିଲେ। ସେ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ବିଶ୍ୱାସ କରିଥିଲେ। ସେ ତାଙ୍କୁ ଅଟକାଇ ଦେଲେ, ଏବଂ ନଗରଦ୍ୱାରକୁ ଅଧିକାର କଲେ। ହଁ, ଆଜ୍ଞା।

60 ଏହି ମହାନ ବ୍ୟକ୍ତିମାନେ, ସେମାନେ ସମସ୍ତେ ମହାନ ବ୍ୟକ୍ତିମାନେ ଥିଲେ। ମାତ୍ର ଆପଣ ଜାଣନ୍ତି ଯେ ସେମାନେ ଯେତେବେଳେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ, ଯେତେବେଳେ ସେମାନେ ମୃତ୍ୟୁର ଦ୍ୱାର ନିକଟକୁ ଆସିଲେ, ସେମାନେ ସମସ୍ତେ ମରି ଯାଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କୁ ମରିବାକୁ ପଡିଥିଲା। ଯେହେତୁ ସେମାନେ ମହାନ ବ୍ୟକ୍ତିମାନେ ଥିଲେ, "ସେମାନେ ସିଂହର ସେହି—ସେହି ମୁଖକୁ ରୁଦ୍ଧ କରି ଦେଇଥିଲେ, ଏବଂ ଅଗ୍ନିରୁ ଏବଂ ଖଣ୍ଡର ଧାରରୁ ରକ୍ଷା ପାଇଥିଲେ," ଏବଂ ପ୍ରଭୃତି ସବୁ, ଯେପରିକି ଆମକୁ ଏବ୍ରୀ 11ରେ କୁହା ଯାଇଅଛି। ଏବଂ ସେମାନେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥିଲେ, କେବଳ ଗୋଟିଏ ଶତ୍ରୁ ବ୍ୟତୀତ, ଆଉ ତାହା ଥିଲା ମୃତ୍ୟୁ। ମୃତ୍ୟୁ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣଙ୍କୁ ଗ୍ରାସ କରିଥିଲା।

61 ତାହାପରେ ଦିନେ, ସେଠାରେ ଅବ୍ରହାମଙ୍କ ସେହି ରାଜକୀୟ ବୀଜ, ପରମେଶ୍ୱରଙ୍କ ପୁତ୍ର, ଯୀଶୁ ଖ୍ରୀଷ୍ଟ ଆସନ୍ତି; ବିଶ୍ୱାସ ଦ୍ୱାରା, ଅବ୍ରହାମଙ୍କ ବଂଶ। ସେହି ପ୍ରାକୃତିକ ବୀଜ, ଇସ୍‌ହାକଙ୍କ ଜରିଆରେ ନୁହେଁ; ସେମାନେ ତ ସେମାନଙ୍କର ଅଂଶ କାର୍ଯ୍ୟକାରୀ କରିଥିଲେ। ମାତ୍ର ଏଠାରେ ଏପରି ଜଣେ ଆସନ୍ତି ଯିଏକି ପ୍ରାକୃତିକ ଭାବରେ ଜନ୍ମ ହୋଇ ନ ଥିଲେ। ଏଠାରେ ଏପରି ଜଣେ ଆସନ୍ତି ଯିଏକି କଦାପି ଯୌନ ଇଚ୍ଛା ଦ୍ୱାରା ଆସି ନ ଥିଲେ। ଏଠାରେ ତ ସେହି ଜଣକା କୁମାରୀ ଜନ୍ମ ଦ୍ୱାରା ଆସିଥିଲେ। ପରମେଶ୍ୱରଙ୍କ ପୁତ୍ର, ସେହି ଅବ୍ରହାମଙ୍କ ବଂଶ, ଏହା ଜଣେ କେତେ ମହାନ ପୁରୁଷ ଥିଲେ! ଅନ୍ୟାନ୍ୟ ପ୍ରାକୃତିକମାନେ ସମସ୍ତେ ପ୍ରାକୃତିକ ଜନ୍ମ ହୋଇଥିଲେ। ଏହି ବ୍ୟକ୍ତି ଜଣକ କୁମାରୀ ଜନ୍ମରୁ ଆସିଥିଲେ। ସେ ପୃଥିବୀକୁ ଆସିବା ପରେ ସେ କଅଣ କରିଥିଲେ? ସେ ଶୟତାନଠାରେ ଥିବା ପ୍ରତ୍ୟେକ ଶତ୍ରୁକୁ ଜୟ କରିଥିଲେ। ସେ ସବୁକିଛିକୁ ଜୟ କରିଥିଲେ।

62 ସେ କଅଣ କରିଥିଲେ? ସେ ଆସିଲେ ଓ ସେ ରୋଗକୁ ଜୟ କରିଥିଲେ । ତାଙ୍କ ଚାରିପାଖରେ କୌଣସି ବି ରୋଗ ରହିପାରି ନ ଥିଲା; ଯେଉଁଠାରେ ବି ଅସୁସ୍ଥତା ଥିଲା, ସେ ଏହାକୁ ଜୟ କରିଥିଲେ । ସେ ଏହାକୁ ଜୟ କରିବା ପରେ କଅଣ କଲେ? ସେ ଆମକୁ ଚାବିକାଠି ଦେଲେ, ଆମେନ୍, କହିଲେ, "ତୁମେମାନେ ପୃଥିବୀରେ ଯାହାକିଛି ବି ବାନ୍ଧିବ, ମୁଁ ଏହାକୁ ସ୍ୱର୍ଗରେ ବାନ୍ଧିବି ।" ଓଃ! ଆମେନ୍! ତାହା ହେଉଛି ଅବ୍ରହାମଙ୍କର ରାଜକୀୟ ବୀଜ, ତାହାଙ୍କର ପ୍ରତିଜ୍ଞା । ବର୍ତ୍ତମାନ ଆମମାନଙ୍କ ଭିତରେ ଥିବା ପବିତ୍ରଆତ୍ମା, ସେହି ଚାବିକାଠି ସହିତ, ଏହାକୁ ଅସୁସ୍ଥତା ପ୍ରତି ଧରି ରଖିଛନ୍ତି । ସେ ରୋଗକୁ ଜୟ କଲେ । ଅସୁସ୍ଥତା ତାଙ୍କ ଉପସ୍ଥିତିରେ ଛିଡା ହୋଇପାରେ ନାହିଁ । ଏବଂ ସେ କହିଲେ ଯେ ସେ ଆମକୁ ସେହି ସମାନ କାର୍ଯ୍ୟ କରିବା ପାଇଁ, ଅସୁସ୍ଥତାକୁ ଜୟ କରିବା ପାଇଁ ଚାବିକାଠି ଦେଇଅଛନ୍ତି । ତୁମେମାନେ ପୃଥିବୀରେ ଯାହାକିଛି ବି ବାନ୍ଧିବ, ମୁଁ ସ୍ୱର୍ଗରେ ତାହା ବାନ୍ଧିବି ।

63 ଆହୁରି ମଧ୍ୟ, ପ୍ରଲୋଭନ, ସେ ଆମ ସଦୃଶ ପ୍ରତ୍ୟେକ ପ୍ରକାରେ ପ୍ରଲୋଭିତ ହୋଇଥିଲେ । ସେ କଅଣ କଲେ? ସେ ଏହାକୁ ଜୟ କରିଥିଲେ । ଏବଂ ସେ ଆମକୁ କଅଣ କହିଲେ? "ଶୟତାନକୁ ପ୍ରତିରୋଧ କର, ଏବଂ ସେ ତୁମଠାରୁ ପଳାୟନ କରିବ ।" ସେ ଆମ ପାଇଁ ଅସୁସ୍ଥତାକୁ ଜୟ କଲେ । ସେ ଆମ ପାଇଁ ପ୍ରଲୋଭନକୁ ଜୟ କଲେ, ଦ୍ୱାରଗୁଡିକୁ ଭାଙ୍ଗି ଦେଲେ; ସେହି ପରୀକ୍ଷକଠାରୁ ଚାବିକାଠିକୁ ନେଲେ, ଓ ତାକୁ ଅବ୍ରହାମଙ୍କ ବଂଶର, ସେହି ବିଶ୍ୱାସୀଙ୍କୁ ହସ୍ତାନ୍ତର କଲେ, ଏବଂ କହିଲେ, "ଯଦି ସେ ତୁମକୁ ପ୍ରଲୋଭିତ କରେ, ତେବେ ତାକୁ ପ୍ରତିରୋଧ କର, ଏବଂ ସେ ତୁମଠାରୁ ପଳାୟନ କରିବ ।" ଓଃ, ମୋର ପ୍ରଭୁ! ତାକୁ ପ୍ରତିରୋଧ କର!

64 ସେ ଉଭୟ ମୃତ୍ୟୁ ଏବଂ ନରକକୁ ଜୟ କଲେ । ସେ ତୃତୀୟ ଦିନରେ ଉତ୍ଥିତ ହୋଇ, ଏହା ହେଲେ, "ମୁଁ ଜୟ କରିଅଛି । ଏବଂ ଯେହେତୁ ମୁଁ ବଞ୍ଚିଅଛି, ତୁମେମାନେ ମଧ୍ୟ ବଞ୍ଚିବ ।" ଓଃ, କି ଏକ ପ୍ରତିଜ୍ଞା! ତାହା ଅବ୍ରହାମଙ୍କ ବଂଶ ପାଇଁ ଥିଲା । ସେ କବରକୁ ଜୟ କଲେ, ଆମମାନଙ୍କର ଧାର୍ମିକତା ପାଇଁ, ତୃତୀୟ ଦିନରେ ଉତ୍ଥିତ ହେଲେ । ଯେତେବେଳେ ସେ ଉଠିଲେ, ସେ ଆମର ଧାର୍ମିକତା ହେଲେ । ତାହା ଆମକୁ କଅଣ କରିଥାଏ? ସେ ରୋଗକୁ ଜୟ କରିଥିଲେ । ସେ ମୃତ୍ୟୁକୁ ଜୟ କରିଥିଲେ । ସେ ନରକକୁ ଜୟ କରିଥିଲେ । ସେ କବରକୁ ଜୟ କରିଥିଲେ । ସେ ପ୍ରଲୋଭନକୁ ଜୟ କରିଥିଲେ । ଓଃ!

65 "ତେବେ ଆମେମାନେ ତାହାଙ୍କ ଜରିଆରେ ବିଜୟୀଠାରୁ ମଧ୍ୟ ଅଧିକ ଅଟୁ ଯିଏକି ଆମକୁ ପ୍ରେମ କରିଥିଲେ, ଏବଂ ଆମ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ," ଅବ୍ରହାମଙ୍କର ରାଜକୀୟ ବୀଜ ହୋଇଥିବାରୁ । ଆମ ଭିତରେ ପରମେଶ୍ୱରଙ୍କ ସେହି ସମାନ ଆତ୍ମା ସହିତ, ଯାହାକି ତାହାଙ୍କଠାରେ ଥିଲା, ଆମେମାନେ ବିଜୟୀଠାରୁ ଅଧିକ ଅଟୁ । ପ୍ରତ୍ୟେକ ନଗରଦ୍ୱାରକୁ ଆମ ପାଇଁ ଜୟ କରା ଯାଇଅଛି । ଆମକୁ କେବଳ ଯାହା କରିବାକୁ ଅଛି ତାହା ହେଲା ଅଧିକାର କରିବା । ଏହା ତ ପୂର୍ବରୁ ଜୟ କରା ଯାଇସାରିଛି । ଅସୁସ୍ଥତାକୁ ଜୟ କରାଯାଇଛି । ମୃତ୍ୟୁକୁ ଜୟ କରାଯାଇଛି । ନରକକୁ ଜୟ କରାଯାଇଛି । କବରକୁ ଜୟ

କରାଯାଇଛି । ସବୁକିଛି ଜୟ କରାଯାଇଛି, ଏବଂ ଆମେ ତାହାଙ୍କ ଅନୁଗ୍ରହ ଦ୍ୱାରା, ସେହି ଚାବିକାଠିକୁ ଧରିଅଛୁ । କଅଣ ଆପଣମାନେ ତାହାକୁ ତାଲା ଭିତରେ ଖଞ୍ଜି, ଏହା କହିବାକୁ ଭୟ କରୁଛନ୍ତି କି, "ମୁଁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆସୁଛି"? "ମୋ ନାମରେ ପିତାଙ୍କୁ ଯାହାକିଛି ମାଗ ।" ମୁଁ ତାହାଙ୍କୁ ପ୍ରେମ କରେ ।

66 ଦୁଇ ହଜାର ବର୍ଷ ବିତିଗଲା ପରେ, ଦୁଇ ହଜାର ବର୍ଷ, ଏବଂ ତଥାପି ସେ ଏଠାରେ ଆମମାନଙ୍କ ମଧ୍ୟରେ ରହିଛନ୍ତି, ସେହି ପରାକ୍ରମୀ ବିଜେତା ଯିଏକି ସେହି ପରଦାକୁ ଦୁଇଭାଗରେ ବିଭକ୍ତ କରିଥିଲେ, ଯିଏକି ପ୍ରତ୍ୟେକ ଅସୁସ୍ଥତାକୁ, ପ୍ରତ୍ୟେକ ରୋଗକୁ, ସବୁକିଛିକୁ ନିଜ ଉପରେ ଧାରଣ କରିଥିଲେ, ଏବଂ ଆମର ଅଧାର୍ମିକତାକୁ କ୍ରୁଶ ନିକଟକୁ ବହନ କରିଥିଲେ, ଏବଂ ଆମର ଅସୁସ୍ଥତାକୁ ଓ ଆମର ରୋଗଗୁଡିକୁ, ଏବଂ ସେଗୁଡିକ ଉପରେ ଜୟଯୁକ୍ତ ହୋଇଥିଲେ, ଏବଂ ଆମର ଧାର୍ମିକତା ନିମନ୍ତେ ଉତ୍ଥିତ ହୋଇଥିଲେ, ଏବଂ ଅବ୍ରହାମଙ୍କର ରାଜକୀୟ ବୀଜ ମଧ୍ୟରେ, ନିଜକୁ ଜଣେ ଜୀବନ୍ତ ଯୀଶୁ ଖ୍ରୀଷ୍ଟ ଭାବରେ ପ୍ରକାଶ କରିବା ପାଇଁ, ଦୁଇ ହଜାର ବର୍ଷ ପରେ ଜୀବିତ ଭାବରେ ଛିଡା ହୋଇଛନ୍ତି, ଯେଉଁମାନେକି ଏହି ସବୁ ଜିନିଷର ଉତ୍ତରାଧିକାରୀ ଅଟନ୍ତି । ଓଃ, ମୋର ପ୍ରଭୁ! ଏହା ପରେ ଯେଉଁମାନେ, ସେହି ପରୀକ୍ଷା ଦେଇ ଯାଆନ୍ତି, ସେହି ବାକ୍ୟର ପ୍ରତିଜ୍ଞା! ଯଦି ଆପଣ ବାକ୍ୟକୁ ବିଶ୍ୱାସ କରିପାରନ୍ତି, ତେବେ ଆପଣ ମଧ୍ୟ ଅବ୍ରହାମଙ୍କ ବଂଶ ଅଟନ୍ତି । ସେହିପରି ଭାବରେ ହିଁ ଆପଣ ଏହା ନିକଟକୁ ଆସନ୍ତି ।

67 ଯଦି ଆପଣ ସେହି ବାକ୍ୟ ପରୀକ୍ଷାକୁ ନେଇ ନ ପାରୁଛନ୍ତି, ତେବେ ଯଦି ଆପଣ ଏଥିରେ ସନ୍ଦେହ କରୁଛନ୍ତି, ଏହା ଉପରେ ସାମାନ୍ୟ ସନ୍ଦେହାଭାବ ରଖୁଛନ୍ତି, ଆପଣ ଏହାକୁ ବଡ କଷ୍ଟରେ ବିଶ୍ୱାସ କରି ପାରୁଛନ୍ତି, ସେଠାରେ କିଛି ଗୋଟାଏ ବା ଅନ୍ୟ କିଛି ବିଷୟଟିଏ ରହିଛି, ଯେଉଁଥି ଯୋଗୁଁ ଆପଣ ଏହାକୁ ବିଶ୍ୱାସ କରିପାରୁ ନାହାଁନ୍ତି, ତାହାହେଲେ ଆପଣ ପ୍ରାର୍ଥନା ଧାଡ଼ିରେ ଆସନ୍ତୁ ନାହିଁ । ମୁଁ ତ ଏପରିକି ଯଜ୍ଞବେଦୀର ଚାରିପାଖରେ ସୁଦ୍ଧା ମୂର୍ଖ ହେବି ନାହିଁ, ଯେପର୍ଯ୍ୟନ୍ତକି ଆପଣ ଏହା ଜାଣିବା ହେତୁ ଯଥେଷ୍ଟ ଅନୁଗ୍ରହ ପାଇ ନ ଯାଆନ୍ତି ଯେ ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ ।

68 ଏବଂ ଯେତେବେଳେ ଥରେ ଆପଣ ଅବିଶ୍ୱାସର ସେହି ଆବରଣକୁ ଭାଙ୍ଗି ଦିଅନ୍ତି, ତାହାପରେ ଯାଇ ଆପଣ ନିଜ ହାତରେ ମୃତ୍ୟୁ, ନରକ, ଏବଂ କବରର ଚାବିକାଠିକୁ ପାଆନ୍ତି, କାରଣ ଆପଣଙ୍କ ପାଖରେ ଏପରି ଜଣେ ବିଜେତା ଅଛନ୍ତି ଯିଏକି ଆପଣଙ୍କ ପାଇଁ ଜୟ କରିଛନ୍ତି । ତାହାପରେ ଆପଣଙ୍କ ପାଖରେ ଏବ୍ରୀ 13:8 ରହିଛି, ଯାହାକି ଆମକୁ କହିଥାଏ, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।" ଆମେମାନେ ଏହାକୁ କିପରି କରିପାରିବା?

69 ଲୋକମାନେ ଆଜି କୁହନ୍ତି, "ଓଃ, ତେବେ, ମୁଁ ଆପଣଙ୍କୁ କହିବି, ସେ ଏକ—ଏକ ନିର୍ଦ୍ଦିଷ୍ଟ ଉପାୟରେ ଅଟନ୍ତି, ସେ ଅଟନ୍ତି ।"

"ସେ ସମାନ ଅଟନ୍ତି," ବାଇବଲ କୁହେ ।

"ଓଃ, ତେବେ, ସେ ଆଜି ସେହିପରି କରନ୍ତି ନାହିଁ ଯେପରିକି ସେ କରୁଥିଲେ ।"

70 ଆମେମାନେ ଏହାକୁ ବର୍ତ୍ତମାନ ହିଁ ପାଇଥାଉ, ଯେତେବେଳେ ଆମେ ତାହାଙ୍କର ବାକ୍ୟକୁ ପ୍ରମାଣିତ ହେଉଥିବାର ଦେଖୁ । ଏହା କଅଣ କରେ? ଏହା ପୁଣି ଥରେ ତାକୁ ସେମାନଙ୍କର କୋଳକୁ ନିକ୍ଷେପ କରି ଦେଇଥାଏ । ଆମେନ୍ ।

71 ଅବ୍ରହାମଙ୍କର ପ୍ରକୃତ ବୀଜ ଏହାକୁ ବିଶ୍ୱାସ କରେ । ସେମାନେ ଏହା ଜାଣନ୍ତି । ଏବଂ ସେ ଆଜି ରାତି ସେହିପରି ଭାବରେ, ଛିଡା ହୋଇଛନ୍ତି, ଯେପରିକି ସେ ଲୋଟଙ୍କ ସମୟରେ ଅବ୍ରହାମଙ୍କୁ ଭେଟିଥିଲେ ଏବଂ ସେହି ଚମତ୍କାର ପ୍ରଦର୍ଶନ କରିଥିଲେ, ଯେତେବେଳେକି ସେ ସାରାଙ୍କୁ ତାହା ଜଣାଇଥିଲେ ଯାହା ସେ ତାଙ୍କ ପଛରେ ରହି କହିଥିଲା । ଯୀଶୁ ପ୍ରତିଜ୍ଞା କରିଥିଲେ, ଯେ ଅବ୍ରହାମଙ୍କ ରାଜକୀୟ ବଂଶ, ଯେ ସେହି ମଣ୍ଡଳୀ ଠିକ ତାହାଙ୍କ ଆଗମନ ପୂର୍ବରୁ ସେହି ସମାନ ଘଟଣାକୁ ଦେଖିବ । ଏହା କଅଣ ଅଟେ? ଏହାକୁ ତ ଘଟିବାକୁ ହିଁ ଅଛି । ପରମେଶ୍ୱର ଏହା ପ୍ରତିଜ୍ଞା କରିଛନ୍ତି । ଯୀଶୁ ଖ୍ରୀଷ୍ଟ ଏହାକୁ ସୁନିଶ୍ଚିତ କରିଥିଲେ ଏବଂ କହିଥିଲେ ଯେ ଏହା ସେହିପରି ହିଁ ହେବ, ଏବଂ ଆମେମାନେ ଏଠାରେ ଅଛୁ, ଦୁଇ ହଜାର ବର୍ଷ ପରେ, ଏବେ ସୁଦ୍ଧା ତାହାଙ୍କୁ ଅର୍ଥାତ୍ ସେହି ପରାକ୍ରମୀ ବିଜେତାଙ୍କୁ, ଆମମାନଙ୍କ ଗହଣରେ ଦେଖୁଅଛୁ! ସେ ମୃତ୍ୟୁ, ନରକ, କବର, ସମସ୍ତ ଅନ୍ଧବିଶ୍ୱାସକୁ ଜୟ କରିଥିଲେ; ବାକ୍ୟକୁ ନେଇଥିଲେ...?...ତାଙ୍କୁ । ହଁ ।

72 ସେ କହିଥିଲେ, "ଯଦି ତୁମେମାନେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ ଏବଂ ତାହା ତୁମକୁ ଦିଆଯିବ ।" ଏହା କଅଣ ଥିଲା? ସେହି ବାକ୍ୟ, ଖ୍ରୀଷ୍ଟ, ଯାହାକି ଆପଣଙ୍କର ହୃଦୟରେ ଅଛି । "ଯଦି ତୁମେମାନେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମ ଠାରେ ରୁହେ, ତେବେ ତୁମେ ସବୁକିଛି ଜୟ କରିଅଛ କାରଣ ମୁଁ ଏହାକୁ ତୁମ ପାଇଁ ଜୟ କରିଅଛି । ଯଦି ତୁମେମାନେ ମୋ ଠାରେ ରୁହ, ଯଦି ତୁମେମାନେ ମୋତେ ବୁଝିପାର, ଯଦି ତୁମେମାନେ ମୋ ଠାରେ ରହିପାର । ଯିଏ ମୋତେ ବିଶ୍ୱାସ କରେ, ମୋତେ ଗ୍ରହଣ କରେ; କେବଳ କୃତ୍ରିମ-ବିଶ୍ୱାସ ନୁହେଁ, ମାତ୍ର ଗ୍ରହଣ କରିପାରେ । ଯିଏ ମୋହର ବାକ୍ୟ ଶୁଣେ, ମୋହର ବାକ୍ୟ ବୁଝେ, ଏବଂ ମୋହର ପ୍ରେରଣକର୍ତ୍ତାଙ୍କ ଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି; ଏବଂ ପ୍ରଲୋଭନ, କିମ୍ବା ନିନ୍ଦା ମଧ୍ୟକୁ ଆସିବ ନାହିଁ, ମାତ୍ର ମୃତ୍ୟୁକୁ ଅତିକ୍ରମ କରି ଜୀବନ ମଧ୍ୟକୁ ପ୍ରବେଶ କରିଅଛି ।" ସେଠାରେ ସେ ଅଛନ୍ତି, ସେହି ପରାକ୍ରମୀ ବିଜେତା!

73 ଏଠାରେ ସେ ଆଜି ଅଛନ୍ତି, ଗତକାଲି, ଆଜି, ଏବଂ ଚିରକାଳ ସମାନ । ଏଠାରେ ସେ ଅବ୍ରହାମଙ୍କ ସେହି ବଂଶ ସମ୍ମୁଖରେ ସେହି କାର୍ଯ୍ୟ ସାଧନ କରୁଅଛନ୍ତି, ଯାହାକୁ ବାବିଲରୁ ବାହାରକୁ ଡକା ଯାଇଅଛି, ସଦୋମରୁ ବାହାରକୁ ଡକା ଯାଇଅଛି, ଜଗତରୁ ବାହାରକୁ ଡକା ଯାଇଅଛି, ଏବଂ ପୃଥକ କରା ଯାଇଅଛି, ଯାହାକି ଏହା ପ୍ରଦର୍ଶିତ କରେ ଯେ ତାହାଙ୍କର

ପ୍ରତିଜ୍ଞା ଅବିକଳ ଠିକ୍ ଅଟେ । ଦୁଇ ହଜାର ବର୍ଷ ପରେ, ଏଠାରେ ସେ ଆଜିରାତି, ଆମମାନଙ୍କ ମଧ୍ୟରେ ଛିଡା ହୋଇଛନ୍ତି, ସେହି ପରାକ୍ରମୀ ବିଜେତା, ପରମେଶ୍ୱରଙ୍କ ସେହି ବାକ୍ୟ ଯିଏକି ହୃଦୟରେ ଥିବା ଚିନ୍ତାଗୁଡିକୁ, ଓ ବିଚାରଗୁଡିକୁ ଜାଣିପାରନ୍ତି । ଏହା କଅଣ ଅଟେ? "ତୁମର ବଂଶ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ ।" ଏହା କଅଣ ଅଟେ? ଏହା ଅବ୍ରହାମଙ୍କର ବଂଶ, ସେହି ରାଜକୀୟ ବୀଜ ଅଟେ, ଯିଏକି ବାକ୍ୟକୁ ବିଶ୍ୱାସ କରନ୍ତି । ଏବଂ ସେହି ବାକ୍ୟ ହେଉଛି—ସେହି ବାକ୍ୟ ହେଉଛି ପରମେଶ୍ୱର ।

74 ବର୍ତ୍ତମାନ ଯେତେବେଳେ ଆମେମାନେ ଏହାକୁ ଦେଖୁଅଛୁ, ଆମେମାନେ ସେମାନଙ୍କ ସହିତ ଉଚ୍ଚ ପାଟିରେ ଚିତ୍କାର କରିପାରିବା, ଯେପରିକି ପୁରାତନ ସମୟର କବି କହିଥିଲେ:

> ଜୀବିତ ରହି, ସେ ମୋତେ ପ୍ରେମ କଲେ; ମୃତ ହୋଇ, ସେ ମୋତେ
> ଉଦ୍ଧାର କଲେ;
> କବରପ୍ରାପ୍ତ ହୋଇ, ସେ ମୋର ପାପକୁ ବହୁ ଦୂରକୁ ନେଇଗଲେ;
> ଉତ୍ଥିତ ହୋଇ, ସେ ଚିରକାଳ ମୁକ୍ତ ଭାବରେ ଧାର୍ମିକ ଗଣନା କଲେ:
> କୌଣସି ଦିନ ସେ ଆସୁଅଛନ୍ତି—ଓଃ, ଗୌରବମୟ ଦିନ!

75 କେହି ଜଣେ କହିଲେ, "ବାଳକ, ତୁମେ ତ ବୃଦ୍ଧ ହୋଇ ଯାଉଅଛ ।" ମୁଁ ତାହା ବିଷୟରେ କିଛି କରିପାରେ ନାହିଁ ।

76 ମୁଁ ତ ଛୋଟଟି ପିଲା ଥିବା ବେଳଠୁଁ ହିଁ ବଞ୍ଚି ରହି ଆସିଛି, ମୋର ରହିଥିବା ଏକମାତ୍ର ସଫଳତା ହେଉଛି ଯୀଶୁ ଖ୍ରୀଷ୍ଟଙ୍କ ଆଗମନକୁ ଦେଖିବା । ମୁଁ ମୋ ଜୀବନକୁ ସେହି ଉଦ୍ଦେଶ୍ୟ ପାଇଁ ପ୍ରଦାନ କରିଦେଇଛି । ମୁଁ ଏବେ ସୁଦ୍ଧା ଜଣେ ବୃଦ୍ଧ ବ୍ୟକ୍ତି ଭାବରେ, ଏହି ପ୍ରଚାରର ମଞ୍ଚ ଉପରେ ଅଛି, ମୁଁ ସେହି ସମାନ କାହାଣୀକୁ ବିଶ୍ୱାସ କରେ, ଏବଂ ସବୁଠାରୁ ମହାନ୍ କଥା ଯାହା ବିଷୟରେ ମୁଁ ଚିନ୍ତା କରିପାରେ ତାହା ହେଉଛି ଯୀଶୁ ଖ୍ରୀଷ୍ଟଙ୍କୁ ତାହାଙ୍କର ନିଜର ଲୋକମାନଙ୍କୁ ଗ୍ରହଣ କରିବା ନିମନ୍ତେ ସ୍ୱର୍ଗରୁ ଆଗତ ହେବା । ପରମେଶ୍ୱର, ତେବେ ମୋର...କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ ଯେ ଆମେମାନେ ଗୀତ ଗାଇପାରୁ:

> ସମସ୍ତେ ଯୀଶୁଙ୍କ ନାମର ଶକ୍ତିକୁ ପ୍ରଶଂସା କରନ୍ତୁ!
> ସ୍ୱର୍ଗଦୂତମାନେ ସାଷ୍ଟାଂଗ ପ୍ରଣାମ କରନ୍ତୁ;
> ରାଜକୀୟ ପୋଷାକ ଆଣନ୍ତୁ,
> ଏବଂ ତାହାଙ୍କୁ ସମସ୍ତଙ୍କର ପ୍ରଭୁ ରୂପେ ମୁକୁଟାଭିଷେକ କରନ୍ତୁ ।

77 କାହିଁକି? ସେ ହେଉଛନ୍ତି ସେହି ପରାକ୍ରମୀ ବିଜେତା । ଯଦି ଆପଣ ତାହାଙ୍କଠାରେ ଅଛନ୍ତି, ତେବେ ଆପଣ ବାକ୍ୟରେ ଅଛନ୍ତି । ସେ କହିଲେ, "ଯଦି ତୁମେମାନେ ମୋ ଠାରେ ରୁହ, ତାହାହେଲେ ତୁମର ଯାହା ଇଚ୍ଛା ତାହା ମାଗ ।" "ତୁମର ଯାହା ଇଚ୍ଛା," କାରଣ ପ୍ରତ୍ୟେକ ନଗରଦ୍ୱାରକୁ ଆଗରୁ ଜୟ କରା ଯାଇସାରିଛି । ତାହାପରେ ଆମେମାନେ କହିପାରୁ:

> କାରଣ ପୁସ୍ତକରେ ଥିବା ପ୍ରତ୍ୟେକ ପ୍ରତିଜ୍ଞା ମୋହର ଅଟେ,

ପ୍ରତ୍ୟେକ ପର୍ବ, ପ୍ରତ୍ୟେକ ପଦ, ଏବଂ ଧାଡି ।
ମୁଁ ତାହାଙ୍କ ଈଶ୍ୱରୀୟ ବାକ୍ୟ ଉପରେ ବିଶ୍ୱାସ କରୁଛି,
କାରଣ ପୁସ୍ତକରେ ଥିବା ପ୍ରତ୍ୟେକ ପ୍ରତିଜ୍ଞା ମୋହର ଅଟେ ।

78 ବନ୍ଧୁଗଣ, କଅଣ ଆପଣମାନେ ହୃଦୟଙ୍ଗମ କରୁଛନ୍ତି ଯେ ତାହାର ଅର୍ଥ କଅଣ? ପ୍ରତ୍ୟେକ ପ୍ରତିଜ୍ଞା ଯାହା ପରମେଶ୍ୱର ଅବ୍ରହାମଙ୍କୁ କରିଥିଲେ, ପ୍ରତ୍ୟେକ ପ୍ରତିଜ୍ଞା ଯାହା ଭବିଷ୍ୟଦ୍‌ବକ୍ତାମାନଙ୍କ ଦ୍ୱାରା କୁହାଯାଇଥିଲା, ପ୍ରତ୍ୟେକ ପ୍ରତିଜ୍ଞା ଯାହା ଯୀଶୁ ଖ୍ରୀଷ୍ଟ ଏହି ଦିନ ପାଇଁ କରିଥିଲେ, ସେ ଏଠାରେ ତାହାକୁ ସୁନିଶ୍ଚିତ କରିବା ପାଇଁ ଏବଂ ଏହା ଦେଖାଇବା ପାଇଁ ଅଛନ୍ତି ଯେ ସେ ଚିରଦିନ ପାଇଁ ଜୀବିତ ଅଟନ୍ତି । "ତୁମର ବଂଶ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ ।"

79 ଯେତେବେଳେ ଏହା ମୃତ୍ୟୁର ସେହି ଘଟିକାକୁ ଆସେ । ଆପଣ କୁହନ୍ତି, "ସେ ବିଷୟରେ କଅଣ?" ଆପଣଙ୍କ ପାଖରେ ଏବେ ସୁଦ୍ଧା ସେହି ଅଧିକାର ରହିଛି ଯାହା ପାଉଲ କହିଥିଲେ । "ରେ କବର, କାହିଁ ତୋର ଜୟ? ରେ ମୃତ୍ୟୁ, କାହିଁ ତୋର ଦଂଶନ? ମାତ୍ର ପରମେଶ୍ୱରଙ୍କର ଧନ୍ୟବାଦ ହେଉ, ଯିଏକି ଆମକୁ ସେହି ପରାକ୍ରମୀ ବିଜେତା, ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ ବିଜୟ ପ୍ରଦାନ କରନ୍ତି ।" ଓଃ!

ସ୍ୱର୍ଗଦୂତମାନେ ସାଷ୍ଟାଂଗ ପ୍ରଣାମ କରନ୍ତୁ;
ରାଜକୀୟ ପୋଷାକ ଆଣନ୍ତୁ,
ଏବଂ ତାହାଙ୍କୁ ସମସ୍ତଙ୍କର ପ୍ରଭୁ ରୂପେ ମୁକୁଟାଭିଷେକ କରନ୍ତୁ ।

80 ଆଜିରାତି, ଦୁଇ ହଜାର ବର୍ଷ ପରେ, ଆମେମାନେ ତାହାଙ୍କୁ ଦେଖିବା ପାଇଁ ଛିଡା ହୋଇଅଛୁ, ଏବେ ସୁଦ୍ଧା, ସେହି ପରାକ୍ରମୀ ବିଜେତାଙ୍କୁ ଯିଏକି ସେହି ପରଦାକୁ ବିଭକ୍ତ କରିଥିଲେ ଯାହା ଆମମାନଙ୍କୁ ପରମେଶ୍ୱରଙ୍କ ଯେକୌଣସି ପ୍ରତିଜ୍ଞାଠାରୁ ପୃଥକ କରୁଥିଲା, ଏବଂ ଆମେ ତାହାଙ୍କଠାରେ ବିଜେତା ଅପେକ୍ଷା କହିଁ ଅଧିକ ଅଟୁ । ଆସନ୍ତୁ ଆମେମାନେ ପ୍ରାର୍ଥନା କରିବା ।

81 ସ୍ୱର୍ଗସ୍ଥ ପିତା, ଯେତେବେଳେ ଆମେମାନେ, ଆଜିରାତି ଏଠାରେ, ପବିତ୍ରଆତ୍ମାଙ୍କ ଉପସ୍ଥିତିରେ, ଆତ୍ମା ରୂପରେ ଯୀଶୁ ଖ୍ରୀଷ୍ଟଙ୍କର ସେହି ମହାନ ବ୍ୟକ୍ତିଙ୍କ ଉପସ୍ଥିତିରେ ଛିଡା ହୋଇଅଛୁ, ଯିଏକି ସେହି ଅବ୍ରହାମଙ୍କ ବଂଶ, ସେହି ରାଜକୀୟ ବୀଜ ଉପରେ ଆସିବା ନିମନ୍ତେ ପ୍ରତିଜ୍ଞା କରାଯାଇଥିଲେ, ତେବେ ହେ ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ, ଯଦି ଏଠାରେ, ଏପରି କେହି ଜଣେ ପୁରୁଷ କିମ୍ବା ସ୍ତ୍ରୀ, ପୁଅ କିମ୍ବା ଝିଅ ଅଛନ୍ତି, ଯିଏକି ତୁମକୁ ଜାଣି ନାହାଁନ୍ତି, ସେମାନଙ୍କ ନିଜ ମନରେ ପରମେଶ୍ୱରଙ୍କ ବାକ୍ୟ ବିଷୟରେ, ସନ୍ଦେହ ଏବଂ କୁଣ୍ଠା ରହିଛି, ଯେ ତାହା ସତ୍ୟ ଅଟେ କି ନୁହେଁ, ତାହାହେଲେ ହେ ମହାନ ପରମେଶ୍ୱର, ଯିଏକି ସେହି ପ୍ରତିଜ୍ଞାକୁ କରିଥିଲେ, ଆଜି ରାତିରେ ଆସ! ପ୍ରଭୁ, ସେଠାରେ ଗୋଟିଏ ବଡ଼ ପ୍ରତିଜ୍ଞା ଅଛି ଯାହା ତୁମେ କରିଥିଲ, ତୁମେ ସେହି ପ୍ରତିଜ୍ଞାକୁ ରକ୍ଷା କରିପାର, ତୁମେ କହିଥିଲ, "ଯିଏ ମୋ

ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟ ମୁଁ କରେ ସେଗୁଡିକ ସେ ମଧ୍ୟ କରିବ; ବରଂ ଏହାଠାରୁ ଅଧିକ ମହତ୍ତର ବିଷୟଗୁଡିକୁ ସେ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି।" ପିତା ପରମେଶ୍ୱର, ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ତୁମର ବାକ୍ୟକୁ ସୁନିଶ୍ଚିତ କରିବ।

82 ଆଜି ରାତି ଏଠାରେ ଅବ୍ରହାମଙ୍କର ଅନେକ ସନ୍ତାନମାନେ ଅଛନ୍ତି, ଯେଉଁମାନେକି ଅସୁସ୍ଥ ଅଟନ୍ତି। ଓଃ, ସେହି ଶୟତାନ ସେମାନଙ୍କୁ ଫାଟକରେ ଅଟକାଇ ରଖିଅଛି; ସେମାନେ ସେମାନଙ୍କୁ ଭିତର ଭାଗରେ ରଖି ଦେଇଛନ୍ତି, ଏବଂ ସେମାନେ ଚାବି ଘୁରାଇ ବନ୍ଦ କରି ଦେଇଛନ୍ତି, ଏବଂ କହୁଛନ୍ତି, "ତେବେ ତୁମକୁ ନିଶ୍ଚୟ ମରିବାକୁ ହେବ; ତୁମର ହୃଦୟର ସମସ୍ୟା ଅଛି। ତୁମର *ଏହା, ତାହା* ବା *ଅନ୍ୟ* କିଛି ସମସ୍ୟା ଅଛି, ଏବଂ ତୁମକୁ ନିଶ୍ଚୟ ମରିବାକୁ ହେବ।"

83 ହେ ପରମେଶ୍ୱର, ଏହା ହେଉ ଯେ ଆଜି ରାତି, ସୁସମାଚାରର, ସେହି ଜୁବିଲୀ ତୂରୀଶବ୍ଦ କରାଯାଉ, ଯେପରିକି ପ୍ରତ୍ୟେକ କ୍ରୀତଦାସ ମୁକ୍ତ ହୋଇ ଯାଇପାରିବେ! ଯୀଶୁ ଖ୍ରୀଷ୍ଟ ସେହି ନଗରଦ୍ୱାରଗୁଡ଼ିକୁ ଜୟ କରିଅଛନ୍ତି। ଆମେମାନେ ସେହି ଚାବିକାଠିକୁ ନିଜ ହାତରେ ଧରିଅଛୁ। ଓଃ! "ମୋ ନାମରେ ସେମାନେ ଭୂତମାନଙ୍କୁ ବାହାର କରିବେ। ଯଦି ତୁମେମାନେ ମୋ ନାମରେ ପିତାଙ୍କୁ କିଛି ମାଗିବ, ମୁଁ ତାହା କରିବି। ଯିଏ ମୋ ଉପରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡିକ ମୁଁ କରେ ସେଗୁଡ଼ିକ ସେ ମଧ୍ୟ କରିବ। ପରମେଶ୍ୱରଙ୍କ ବାକ୍ୟ ଦ୍ୱି-ଧାର ଖଡ୍ଗ ଅପେକ୍ଷା ଅଧିକ ତୀକ୍ଷ୍ଣତର ଏବଂ ଅଧିକ ଶକ୍ତିଶାଳୀ ଅଟେ, ଯାହାକି ଅସ୍ଥି ଅସ୍ଥି ଏବଂ ମଜ୍ଜା ମଜ୍ଜାକୁ ବିଚ୍ଛେଦ କରିଥାଏ, ଏବଂ ହୃଦୟରେ ଥିବା ଚିନ୍ତାଧାରାର ଏକ ପରିଭେଦକ ଅଟେ।"

84 "ଏବଂ ତାହା ଯେପରି ନୋହଙ୍କ ସମୟରେ ହୋଇଥିଲା, ଠିକ ସେହିପରି ମନୁଷ୍ୟପୁତ୍ରଙ୍କ ଆଗମନ ସମୟରେ ହେବ, କାରଣ ସେମାନେ ଭୋଜନ, ପାନ କରୁଥିଲେ, ବିବାହ କରୁଥିଲେ, ବିବାହରେ ଦେବା ନେବା କରୁଥିଲେ; ବିରାଟ ଭବନ ନିର୍ମାଣ କାର୍ଯ୍ୟକ୍ରମଗୁଡିକୁ ରହିଥିଲା।" ଏବଂ ଆମେମାନେ ଜଗତକୁ ଦେଖୁଅଛୁ, "ସେଠାରେ ଉର୍ଦ୍ଧ୍ୱରେ ଆକାଶରେ ଚିହ୍ନମାନ, ଭୟାନକ ଦୃଶ୍ୟମାନ (ଏହା ଉଡନ୍ତା ତାଟିଆ), ବିଭିନ୍ନ ସ୍ଥାନରେ ଭୂକମ୍ପମାନ, ସମୁଦ୍ର ଗର୍ଜନ (ଜୁଆର ତରଙ୍ଗ) ରହିବ, ମନୁଷ୍ୟର ହୃଦୟ ବିଫଳ ହେଉଥିବ (ଭୟ), ଜାତି ଜାତି ମଧ୍ୟରେ ସଂଘର୍ଷ, ଭ୍ରାନ୍ତିକର ସମୟ ହେବ।"

85 "ଏବଂ ଏହା ଲୋଟଙ୍କ ସମୟରେ ଯେପରି ହୋଇଥିଲା, ଠିକ ସେହିପରି ତାହା ମନୁଷ୍ୟପୁତ୍ରଙ୍କ ଆଗମନରେ ହେବ।" ହେ ପରମେଶ୍ୱର, ଆଜି ରାତି ଆସ ଏବଂ ନିଜର ବାକ୍ୟ ପରିଚାଳନା କର, ଆଜି ରାତିରେ ଆସ ଏବଂ ଅବ୍ରହାମଙ୍କ ସନ୍ତାନଗଣର ବିଶ୍ୱାସକୁ ସମ୍ମାନିତ କର। ଯୀଶୁ ଖ୍ରୀଷ୍ଟଙ୍କ ନାମ ଦେଇ ଆମେ ଏହାକୁ ମାଗୁଅଛୁ। ଆମେନ୍।

86 ପ୍ରଭୁ ଆପଣଙ୍କୁ ବହୁଳ ଭାବେ, ଆଶୀର୍ବାଦ କରନ୍ତୁ। ମୁଁ ଠିକ ଏହି ସମୟରେ ବେଦୀର ଡାକରା ଦେବାକୁ ଯାଉ ନାହିଁ। ମୁଁ ଏହାକୁ ଆପଣମାନଙ୍କ ଉପରେ ଛାଡିଦେବାକୁ ଯାଉଅଛି। ମୁଁ ଭାବୁଛି ଯେ, ଅନେକ ଥର, ବେଦୀର ଡାକରାଗୁଡିକ...ମୁଁ ସେମାନଙ୍କ ସହିତ ବିଶ୍ୱାସ କରେ। "ମାତ୍ର ଯେତେ ଲୋକ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ।" ତାହାହିଁ ଏହା

ଅଟେ, "ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ ।" ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାକୁ ଯାଉଅଛୁ ।

87 ମୁଁ ଏଠାରେ ରାତିସାରା କଥା କହିପାରିବି । ଆପଣମାନେ ଏକ ସୁନ୍ଦର ଶ୍ରୋତାବୃନ୍ଦ ଅଟନ୍ତି । ମାତ୍ର ମୁଁ ଯାହା କୁହେ ତାହା କେବଳ ଏକ ମନୁଷ୍ୟ ରୂପରେ ଅଟେ; ମାତ୍ର ଯଦି ମୁଁ ତାହାଙ୍କର ବାକ୍ୟ କହେ, ତେବେ ଏହା ମୋର ଶବ୍ଦ ନୁହେଁ, ଏହା ତ ତାହାଙ୍କର ବାକ୍ୟ ଅଟେ । ଯଦି ମୁଁ ଏପରି କିଛି କୁହେ, ଏବଂ ପରମେଶ୍ୱର ଏହାକୁ ସମର୍ଥନ ନ କରନ୍ତି, ତେବେ ତାହା ମୋର ବାକ୍ୟ ଥିଲା । ଯଦି ମୁଁ ତାହାଙ୍କ ବାକ୍ୟ କୁହେ, ଏବଂ ସେ ଏହାକୁ ସମର୍ଥନ କରନ୍ତି, ତାହାହେଲେ କିଏ ସେହି ପାପୀ ପୁରୁଷ କିମ୍ବା ସ୍ତ୍ରୀ, ପୁଅ କିମ୍ବା ଝିଅ ଅଟନ୍ତି, ଯିଏକି ଚାଲିଯିବେ ଏବଂ କହିବେ ଯେ ଏହା ସେହିପରି ନୁହେଁ?

88 ଯୀଶୁ, କହିଥିଲେ ଯେତେବେଳେ ସେ ଏହିସବୁ ବିଷୟ କଲେ, ସେମାନେ କହିଲେ, "ଏହି ବ୍ୟକ୍ତି ଜଣେ କୁହୁକ ବିଦ୍ୟାକାରୀ ଅଟେ । ସେ ଜଣେ ଶୟତାନ ଅଟେ!" ଜଣେ କୁହୁକ ବିଦ୍ୟାକାରୀ, କେହି ବି ଏହା ଜାଣନ୍ତି ଯେ କୁହୁକ-ବିଦ୍ୟାକାରୀ ଶୟତାନଠାରୁ ଅଟେ । ସେ କହିଲେ, "ସେ ଜଣେ କୁହୁକ ବିଦ୍ୟାକାରୀ ଅଟେ ।" ମାତ୍ର କଅଣ ଆପଣ କେବେ ଜଣେ କୁହୁକ ବିଦ୍ୟାକାରୀକୁ ସୁସମାଚାର ପ୍ରଚାର କରୁଥିବାର ଦେଖିଛନ୍ତି କି? କଅଣ ଆପଣ କେବେ ସେହି କୁହୁକ ବିଦ୍ୟାକାରୀକୁ ଭୂତମାନଙ୍କୁ ବାହାର କରୁଥିବାର ଦେଖିଛନ୍ତି କି? ନା, ଆଦୌ ନୁହେଁ, ସେମାନେ ତାହା କରନ୍ତି ନାହିଁ ।

89 ସେ କହିଲେ, "ତେବେ, ମୁଁ ମନୁଷ୍ୟପୁତ୍ର ତୁମକୁ ଏଥି ନିମନ୍ତେ କ୍ଷମା କରି ଦେବି । ମାତ୍ର ଯେତେବେଳେ ସେହି ପବିତ୍ରଆତ୍ମା ଆସିବେ, ତାହାଙ୍କ ବିରୁଦ୍ଧରେ କହିବା ତାହା ଇହ ଜଗତରେ କିଅବା ଆଗାମୀ ଭବିଷ୍ୟତ ଜଗତରେ କେବେବି କ୍ଷମା କରାଯିବ ନାହିଁ, କାରଣ ଏହା ପରମେଶ୍ୱରଙ୍କ କାର୍ଯ୍ୟକୁ ଏକ ଅଶୁଚି ଆତ୍ମା ବୋଲି କହିବା ଅଟେ ।"

90 ଆଜି ରାତି, ପରମେଶ୍ୱର ଆମ ପ୍ରତି ଦୟା କରନ୍ତୁ, ଏବଂ ମୁଁ ପ୍ରାର୍ଥନା କରୁଛି ଯେ ପରମେଶ୍ୱର ଓହ୍ଲାଇ ଆସି ଏହି ବାକ୍ୟକୁ ଆପଣଙ୍କ ସମ୍ମୁଖରେ ସୁନିଶ୍ଚିତ କରିବେ ।

91 ଭାଇ, ଭଉଣୀ, ଏହା ମୋର ପ୍ରାଣ ଅଟେ । ମୋତେ ପରମେଶ୍ୱରଙ୍କୁ ଭେଟିବାକୁ ଅଛି । ମୁଁ ଆପଣମାନଙ୍କୁ ଯାହା କହୁଅଛି ସେଥିପାଇଁ ମୁଁ ଦାୟୀ ଅଟେ । ପରମେଶ୍ୱର ମୋତେ ଏଥିପାଇଁ ଦାୟୀ କରିବେ । ତାହା ଠିକ୍ ଅଟେ । ଏଠାରେ ଛିଡା ହୋଇ ଏହି ସବୁ କଥା କହିବା ମୋର କି ଲାଭ କରିବ ଯଦି ମୁଁ ଜାଣେ ଯେ ମୁଁ ମୋର ପ୍ରାଣକୁ ନିନ୍ଦିତ କରି ନରକଗାମୀ କରୁଅଛି?

92 "ଏପରି ଏକ ମାର୍ଗ ଅଛି ଯାହା ମନୁଷ୍ୟକୁ ଠିକ୍ ପରି ମନେ ହୁଏ, ମାତ୍ର ଏହାର ଶେଷ ଦଶା ହେଉଛି ମୃତ୍ୟୁର ମାର୍ଗସକଳ ।" ପରମେଶ୍ୱର କୌଣସି ଅନୁବାଦକ ଆବଶ୍ୟକ କରନ୍ତି ନାହିଁ । ଯେପରି ମୁଁ କହିଅଛି, ସେ ତାହାଙ୍କ ନିଜର ବାକ୍ୟକୁ ଅନୁବାଦ କରନ୍ତି ।

93 "ଅବ୍ରହାମଙ୍କ ବଂଶ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ ।" କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି କି?

94 ଯଦି ମୁଁ ଆପଣଙ୍କୁ ସୁସ୍ଥ କରିପାରିବି, ତାହାହେଲେ ମୁଁ ତାହା କରିବି । ଖ୍ରୀଷ୍ଟ ତ ଆପଣଙ୍କୁ ଆଗରୁ ସୁସ୍ଥ କରିସାରିଛନ୍ତି । କେବଳ ଗୋଟିଏ ବିଷୟ, ଆପଣ ନିଜ ହାତରେ ଚାବି ଧରିଛନ୍ତି । ଏହାକୁ ଧରି ରଖିବା ପାଇଁ, ସେହି ଚାବି ହେଉଛି ଆପଣଙ୍କର ବିଶ୍ୱାସ । ଆଜି ରାତି, ଏହାକୁ ଖୋଲନ୍ତୁ, କଅଣ ଆପଣ କରିବେ ନାହିଁ କି? ଯେତେବେଳେ ସେ ଆମମାନଙ୍କ ଗହଣକୁ ଆସନ୍ତି, ସେହି ପରାକ୍ରମୀ ବିଜେତା ଯିଏକି ପ୍ରତ୍ୟେକ ରୋଗକୁ ଜୟ କରିଛନ୍ତି, ଏଠାକୁ ଆସନ୍ତୁ ଓ ଆପଣଙ୍କୁ ଦେଖାନ୍ତୁ ଯେ ସେ ଏହା କରିଅଛନ୍ତି, କାରଣ ସେ ଏବେ ସୁଦ୍ଧା ସେହି ବାକ୍ୟ ଅଟନ୍ତି । "ଏବଂ ବାକ୍ୟ ହେଉଛି ହୃଦୟରେ ଥିବା ଚିନ୍ତା ବିଚାରର ଏକ ପରିଭେଦକ ।"

95 କେଉଁ ପ୍ରାର୍ଥନା କାର୍ଡ? ବି, ସଂଖ୍ୟା ଏକୁ ରୁ...ଅନ୍ୟ ରାତିରେ, ଆମେ କେତେରୁ ଆରମ୍ଭ କରିଥିଲୁ? [କେହି ଜଣେ କୁହନ୍ତି, "ଏକ ରୁ ।"—ସମ୍ପା ।] ତାହାହେଲେ ଆସନ୍ତୁ ଆମେମାନେ ପଚାଶ ସଂଖ୍ୟାରୁ ଆରମ୍ଭ କରିବା । କାହା ପାଖରେ ପ୍ରାର୍ଥନା କାର୍ଡ ବି, ପଚାଶ ସଂଖ୍ୟା ଅଛି? ନିଜର ହାତ ଉଠାନ୍ତୁ । ପ୍ରାର୍ଥନା କାର୍ଡ ବି । ଅନ୍ୟ ରାତିରେ, ଆମେ ଏକ ରୁ, ଆରମ୍ଭ କରିଥିଲୁ, ବର୍ତ୍ତମାନ ଆଜି ରାତି, ଆମେମାନେ ପଚାଶ ସଂଖ୍ୟାରୁ ଆରମ୍ଭ କରିବାକୁ ଯାଉଅଛୁ ।

96 କାହା ପାଖରେ ବି, ବି, ପଚାଶ ସଂଖ୍ୟା ଅଛି? ନିଜର ହାତ ଉଠାଇ ରଖନ୍ତୁ । ପ୍ରାର୍ଥନା କାର୍ଡ ବି, ପଚାଶ । ଆପଣଙ୍କର କହିବାର ଅର୍ଥ କଅଣ ତାହା ଏଠାରେ ନାହିଁ କି? କଅଣ ତାହା ଆପଣଙ୍କ ପାଖରେ ଅଛି? ଠିକ ଅଛି, ବି, ସଂଖ୍ୟା ପଚାଶ । ବି, ଏକା-ବନ, କାହା ପାଖରେ ଏହା ଅଛି? ବି, ଏକା-ବନ, ଠିକ୍ ଅଛି । ବି, ବା-ବନ, କାହା ପାଖରେ ବି, ବା-ବନ ଅଛି? ଠିକ ଅଛି, ଆପଣଙ୍କ ପାଖରେ ତାହା ଅଛି । ବି, ତେ-ପନ, ଚୌ-ବନ, ଠିକ ଏଠାକୁ ଆସି ଯାଆନ୍ତୁ । ଚୌ-ବନ, ପଞ୍ଚା-ବନ ।

97 ମୋର ଭିତରକୁ ଆସିବା ପୂର୍ବରୁ, ମୋ ପୁଅ ଠିକ ଏଠାକୁ ଆସନ୍ତି, ଏବଂ କାର୍ଡର ଏକ ସମୂହକୁ ମିଶାଇ ଦେଇଥାନ୍ତି । ଏବଂ ଦେଖନ୍ତୁ ଯେ ସେଗୁଡିକ କିପରି ଭାବରେ ଥାଏ, ଗୋଟିଏ *ଏଠାରେ* ଏବଂ ଗୋଟିଏ *ସେଠାରେ*? ସେମାନେ ଜାଣନ୍ତି ନାହିଁ । ଆପଣ ହୁଏତ ଏଠାକୁ *ଏହି* ଧାଡିରେ ଆସି ସଂଖ୍ୟା ଏକ ନେଇପାରନ୍ତି, ପରବର୍ତ୍ତୀ ଜଣକୁ ସଂଖ୍ୟା ଦଶ, ଅନ୍ୟ ଜଣେ ସଂଖ୍ୟା ପଚି-ଶ ପାଇପାରନ୍ତି । ଆମେମାନେ ଜାଣି ନାହୁଁ ଯେ ଏହା କେଉଁଠାରେ ଅଛି, ମାତ୍ର, ସେମାନେ ଯେଉଁଠାରେ ବି ରହିଥାଆନ୍ତି ।

98 ତେବେ ଆମେମାନେ କେତେ ଜଣଙ୍କୁ ଡାକିବା? ପାଞ୍ଚ, ଚାରି? ବି, ସଂଖ୍ୟା ପଚାଶ । କଅଣ ବି, ପଚାଶ, ଏହା ନୁହେଁ କି? [କେହି ଜଣେ କୁହନ୍ତି, "ହଁ ।"—ସମ୍ପା ।] ବି, ପଚାଶରୁ ପଞ୍ଚା-ବନ । ଛଅ-ପନ, ସତା-ବନ, ଅଠା-ବନ, ଅଣ-ଷାଠିଏ, ଷାଠିଏ । ତେବେ ଆସନ୍ତୁ ଆମେମାନେ ଦେଖିବା, ଏକ, ଦୁଇ...ସେମାନଙ୍କୁ ଗଣନା କର, ବିଲି, ଏବଂ ଆମେମାନେ କରିବା...ଷାଠିଏ, ସତୁରି, ଯଦି ଆପଣ ଚାହାଁନ୍ତି, ତେବେ ସେମାନଙ୍କୁ ପ୍ରଥମେ ଛିଡା ହେବାକୁ ଦିଅନ୍ତୁ । ବି, ପଚାଶରୁ ସତୁରି, ପଞ୍ଚ-ସତୁରି ଯାଏଁ । ଭାଇ ରୟ, ଯଦି ଆପଣ ଚାହିଁବେ, ସେମାନଙ୍କୁ ଗଣନା କରନ୍ତୁ, ଯେତେବେଳେକି ମୁଁ ଶ୍ରୋତାବୃନ୍ଦଙ୍କ ସହ କଥାବାର୍ତ୍ତା କରୁଅଛି ।

99 ଆପଣମାନଙ୍କ ମଧ୍ୟରୁ ବର୍ତ୍ତମାନ ସେଠାରେ କେତେ ଜଣ ଅଛନ୍ତି ଯେଉଁମାନେକି ଏହି ପଟକୁ ଅନାଉ ଅଛନ୍ତି, ଏବଂ ଆପଣମାନଙ୍କ ପାଖରେ ଏକ ପ୍ରାର୍ଥନା କାର୍ଡ ନାହିଁ?

100 ମନେରଖନ୍ତୁ, ଯୀଶୁ କହିଥିଲେ, "ଯେଉଁ କାର୍ଯ୍ୟଗୁଡିକୁ ମୁଁ କରେ ତୁମେମାନେ ମଧ୍ୟ ତାହା କରିବ।" କଅଣ ତାହା ସତ କି? ତାହା ସତ ଅଟେ। କଅଣ ଆପଣ ଏହାକୁ ବିଶ୍ଵାସ କରନ୍ତି କି? ଅବ୍ରହାମଙ୍କ ବଂଶ ସେହିପରି କହିଥାଏ।

101 ବାଇବଲ କୁହେ, ଯେ, "ସେ ହେଉଛନ୍ତି ମହାଯାଜକ।" ଏବ୍ରୀ, ତାର 4ର୍ଥ ପର୍ବ, "ସେ ହେଉଛନ୍ତି ମହାଯାଜକ ଯାହାଙ୍କୁ ଆମର ଦୁର୍ବଳତାର ଅନୁଭବ ଦ୍ଵାରା ସ୍ପର୍ଶ କରା ଯାଇପାରେ।" କଅଣ ଆପଣ ଏହାକୁ ବିଶ୍ଵାସ କରନ୍ତି କି? ଯଦି ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି, ତେବେ ସେ ଏହାକୁ କିପରି କରିବେ?

102 ବାଇବଲରେ, ଜଣେ ସାନ ସ୍ତ୍ରୀଲୋକ ଥିଲା, ଯେପରିକି ଆପଣମାନେ ଧ୍ୟାନ ଦିଅନ୍ତୁ ଯାହା ମୁଁ କହୁଅଛି। ବାଇବଲରେ, ଜଣେ ସାନ ସ୍ତ୍ରୀଲୋକ ଥିଲା, ବୋଧହୁଏ ତାଙ୍କ ପାଖରେ ପ୍ରାର୍ଥନା କାର୍ଡ ନ ଥିଲା; ମାତ୍ର ସେ ନିଜ ହୃଦୟରେ କହିଲେ, "ଯଦି ମୁଁ ସେହି ମନୁଷ୍ୟକୁ ସ୍ପର୍ଶ କରିପାରେ, ମୁଁ ତାହାଙ୍କୁ ବିଶ୍ଵାସ କରେ।" ତାହା ପାଖରେ ଯାହା ସବୁ ଟଙ୍କା ଥିଲା, ସେ ତାହା ଡାକ୍ତ-...ଡାକ୍ତରମାନଙ୍କ ଉପରେ ଖର୍ଚ୍ଚ କରି ଦେଇଥିଲା। ସେମାନେ ତାର କୌଣସି ଉପକାର କରିପାରି ନ ଥିଲେ। ତାର ମାମଲା ଅତିଶୟ ବଡ ଥିଲା। ସେମାନେ ତାର କୌଣସି ଉପକାର କରିପାରି ନ ଥିଲେ। ମାତ୍ର ସେ ବିଶ୍ଵାସ କରୁଥିଲା ଯେ ପରମେଶ୍ଵର ତାକୁ ସାହାଯ୍ୟ କରିବେ। ଏବଂ ସେ ତାହାଙ୍କର ବସ୍ତ୍ରର, ତାହାଙ୍କ ଝୁମ୍ପାକୁ ଛୁଇଁଥିଲେ।

103 ଏବଂ ଯୀଶୁ କହିଲେ, "ମୁଁ ଅନୁଭବ କଲି ଯେ ସଦ୍‌ଗୁଣ ମୋ ଠାରୁ ବାହାରି ଗଲା।" କଅଣ ତାହା ଠିକ୍ କି?

104 କଅଣ ଆପଣମାନେ ଆଜି ରାତି ବିଶ୍ଵାସ କରନ୍ତି କି ଯେ ସେ ସେହି ସମାନ ଅଟନ୍ତି? ସେ ଏଠାରେ ଅଛନ୍ତି ବୋଲି କଅଣ ଆପଣମାନେ ବିଶ୍ଵାସ କରନ୍ତି କି? କେତେ ଲୋକ ବିଶ୍ଵାସ କରନ୍ତି ଯେ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି? ତେବେ ଆପଣ କିପରି ଏହା ପ୍ରମାଣ କରିପାରନ୍ତି ଯେ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଥିଲେ?

105 କିଛି ଦିନ ପୂର୍ବରୁ, ଜଣେ ପ୍ରସିଦ୍ଧ ବାପ୍‌ଟିଷ୍ଟ ବ୍ୟକ୍ତି ମୋ ପାଖକୁ ଆସିଲେ, ଏବଂ ସେ କହିଲେ, "ଭାଇ ବ୍ରାନହାମ୍, ମୁଁ ଥରେ, ଜଣେ ମୁସଲମାନ ଲୋକଠାରୁ ପରାସ୍ତ ହୋଇଗଲି—ପରାସ୍ତ ହୋଇଗଲି ଯିଏକି ତାହା କହିଥିଲା। ସେ କହିଥିଲା, 'ଯଦି ସେ ଉଠି ଅଛନ୍ତି, ତାହାହେଲେ ସେ ପ୍ରତିଜ୍ଞା କରିଥିଲେ ଯେ ସେ ସେହି ସମାନ କାର୍ଯ୍ୟକୁ କରିବେ। ଆସନ୍ତୁ ଆମେ ତାହାଙ୍କୁ ଏହା କରୁଥିବାର ଦେଖିବା।'" ଦେଖନ୍ତୁ, ସେମାନେ ବିଶ୍ଵାସ କରନ୍ତି ଯେ ସେ ତାହା କରି ନ ଥିଲେ।

106 ମାତ୍ର ଆମେମାନେ ବିଶ୍ଵାସ କରୁ ଯେ ସେ ଏହା କରନ୍ତି। ଆମେମାନେ ବିଶ୍ଵାସ କରୁ ଯେ ସେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଅଛନ୍ତି। ଜଗତରେ ଆଉ ଅନ୍ୟ କୌଣସି ଧର୍ମ ନାହିଁ

ଯାହାକି ଏହା ପ୍ରମାଣ କରିପାରେ ଯେ ସେମାନଙ୍କର ପ୍ରତିଷ୍ଠାତା ଜୀବିତ ଅଛନ୍ତି, ବରଂ କେବଳ ଖ୍ରୀଷ୍ଟିଆନ ଧର୍ମ। ଏବଂ ଏକମାତ୍ର ଉପାୟ ଯେ ପରମେଶ୍ୱର ଏହାକୁ ସୁନିଶ୍ଚିତ କରିପାରନ୍ତି, ତାହା ହେଉଛି ସେମାନଙ୍କ ଜରିଆରେ ଯେଉଁମାନେ ଏହାକୁ ବିଶ୍ୱାସ କରନ୍ତି, କାରଣ ତାହାହିଁ ହେଉଛି ସେହି ଏକମାତ୍ର ଉପାୟ ଯାହା ଦ୍ୱାରା ପରମେଶ୍ୱର ଆପଣା ବାକ୍ୟକୁ କାର୍ଯ୍ୟକାରୀ କରନ୍ତି, ସେମାନେ ଯେଉଁମାନେକି ଏହାକୁ ବିଶ୍ୱାସ କରନ୍ତି।

107 ବର୍ତ୍ତମାନ ଯେତେବେଳେ ସେମାନେ ଏହି ଛୋଟ ପ୍ରାର୍ଥନା ଧାଡିଟିକୁ ପ୍ରସ୍ତୁତ କରୁଅଛନ୍ତି, ମୁଁ ଜାଣେ ନାହିଁ ଯେ ଆମେ କେତେ ଜଣଙ୍କୁ ନେବା, ମୁଁ ଚାହେଁ ଯେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଜଣ, ନିଜର ସ୍ଥିତିକୁ ଧରି ରଖିଥାଆନ୍ତୁ, ନିଜର ଆସନକୁ ଧରି ରଖିଥାଆନ୍ତୁ, ଏପଟ ସେପଟ ବୁଲନ୍ତୁ ନାହିଁ, ଏହି ଆଡେ ଅନାନ୍ତୁ ଏବଂ ପ୍ରାର୍ଥନା କରୁଥାଆନ୍ତୁ, କୁହନ୍ତୁ, "ପ୍ରଭୁ ଯୀଶୁ, ମୁଁ ବିଶ୍ୱାସ କରେ।"

108 ଆପଣମାନଙ୍କର ମନେ ଅଛି, ସେ ମୋତେ କହିଥିଲେ, "ଯଦି ତୁମେ ଲୋକମାନଙ୍କୁ ବିଶ୍ୱାସ କରାଇବା ହେତୁ ପ୍ରବର୍ତ୍ତାଇ ପାରିବ; ଏବଂ ତାହାପରେ ଯେତେବେଳେ ତୁମେ ପ୍ରାର୍ଥନା କର ସେତେବେଳେ ନିଷ୍ଠାବାନ ରହିବ।" ତାହା ହେବାର ପନ୍ଦର ବର୍ଷ ହେଲାଣି, ଯେ ତାହା ଏହି ରାଷ୍ଟ୍ର ମଧ୍ୟରେ, ଆଗକୁ ପଛକୁ ରହିଆସିଛି, ଏବଂ ଗୋଟିଏ ଥର ବି ଏହା ବିଫଳ ହୋଇନାହିଁ। ଏହା ବିଫଳ ହୋଇପାରେ ନାହିଁ।

109 ପରମେଶ୍ୱର, ଗୋଟିଏ ଜିନିଷ ଯାହା ପରମେଶ୍ୱର କରିପାରନ୍ତି ନାହିଁ, ତାହା ହେଉଛି ବିଫଳ ହେବା। ତାହାଙ୍କୁ ତ ନିଜର ବାକ୍ୟକୁ ରକ୍ଷା କରିବାକୁ ଅଛି। ମୁଁ ତାହା ବିଶ୍ୱାସ କରେ। ମୁଁ ବିଶ୍ୱାସ କରେ ଯେ ଠିକ ଯେପରି ମୁଁ ମଧ୍ୟ...ତାହାଠାରୁ ଅଧିକ ବିଶ୍ୱାସ କରେ ଯେତିକି ମୁଁ ଏଠାରେ ଛିଡା ହୋଇଛି, ତାହାଠାରୁ ଅଧିକ ବିଶ୍ୱାସ କରେ ଯେତିକି ମୁଁ ଏହି ଭବନରେ ଛିଡା ହୋଇଛି; ଏହା ଏକ ମରୀଚିକା ହୋଇପାରେ, ଏହା ଏକ ସ୍ୱପ୍ନ ହୋଇପାରେ। ମୋ ପ୍ରାଣରେ, ମୁଁ ଜାଣେ ଯେ ପରମେଶ୍ୱରଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟ ଜୀବିତ ଅଛନ୍ତି। ଏବଂ ଆପଣ ଅବ୍ରହାମଙ୍କର ଏକ ବୀଜ ହୋଇଥିବା ହେତୁରୁ, ଆପଣ ଖ୍ରୀଷ୍ଟଙ୍କଠାରେ ମୃତ ହୋଇଥିବା ସକାଶୁ, ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି।

110 ବର୍ତ୍ତମାନ ସେମାନେ ଏଠାରେ କେତେକେ ରୁମାଲଗୁଡିକ ରଖିଛନ୍ତି। ଯେଉଁ ଲୋକମାନେ ବିଶ୍ୱାସ କରନ୍ତି, ତାଙ୍କ ପାଇଁ ଏହା ଦ୍ୱାରା ବଡ଼ ବଡ଼ ସଫଳତା ସାଧନ କରାଯାଇଅଛି। ତେବେ ଆସନ୍ତୁ ଆମେମାନେ ନିଜର ମସ୍ତକଗୁଡିକୁ ନତ କରିବା, ଯେତେବେଳେ ସେମାନେ ପ୍ରସ୍ତୁତ ହେଉଅଛନ୍ତି, ଏବଂ ଏଗୁଡ଼ିକ ପାଇଁ ପ୍ରାର୍ଥନା କରିବା।

111 ସ୍ୱର୍ଗସ୍ଥ ପିତା, ଆମମାନଙ୍କୁ ବାଇବଲରେ ଶିକ୍ଷା ଦିଆ ଯାଇଅଛି, ଏବଂ ଏଠାରେ ଏପରି ଲୋକମାନେ ଅଛନ୍ତି ଯେଉଁମାନେକି ପ୍ରତ୍ୟେକ ବାକ୍ୟକୁ ବିଶ୍ୱାସ କରନ୍ତି ଯାହା ତୁମେ ସତ୍ୟ ବୋଲି କହିଅଛ। ପ୍ରଭୁ, ବେଳେବେଳେ ସେମାନେ ଚାବି ସହିତରେ ଝୁଣ୍ଟି ପଡି, ଚାବିର ଛିଦ୍ରରେ ପୂରାଇ ଦେଇଥାଆନ୍ତି, ଏହାକୁ ହରାଇ ଦେଇଥାନ୍ତି, ଏବଂ ଅଣ୍ଡାଳି ହୋଇଥାଆନ୍ତି,

ମାତ୍ର ସେମାନେ ବିଶ୍ୱାସ କରନ୍ତି ଯେ ତାହା ସେଠାରେ ଅଛି। ସେମାନଙ୍କୁ ଠିକ ସେହିପରି ଠେଲାପେଲା ହୋଇ ପୂରାଇବାକୁ ଦିଅନ୍ତୁ, ସେମାନେ ଏହାକୁ ପାଇଯିବେ, କାରଣ ଏହା ସେଠାରେ ଅଛି। ଏବଂ ସେହି ଚାବି ହେଉଛି ସଠିକ୍ ଚାବି, "ଯଦି ତୁମେମାନେ ବିଶ୍ୱାସ କରିପାର, ସବୁକିଛି ସମ୍ଭବ।" ଯେତେବେଳେ ଏହି ଗୀତଟି ବର୍ତ୍ତମାନ ଗାନ କରାଯାଉଅଛି, କିଅବା ବାଦ୍ୟଯନ୍ତ୍ରରେ ଖେଳାଯାଉଅଛି।

112 ବାଇବଲରେ ଏହା କୁହାଯାଏ, ଯେ, "ପାଉଲ ତାଙ୍କ ଦେହରୁ ରୁମାଲ ଏବଂ ଅଙ୍ଗରଖାଗୁଡିକୁ ନେଇଥିଲେ, ଏବଂ ସେଗୁଡିକୁ ରୋଗୀ ଓ ପୀଡିତ ଲୋକମାନଙ୍କ ନିକଟକୁ ପଠାଇ ଥିଲେ, ଆଉ ଅଶୁଚି ଆତ୍ମାଗୁଡିକ ଲୋକମାନଙ୍କୁ ଛାଡି ଚାଲି ଯାଇଥିଲା, ଓ ସେମାନେ ସୁସ୍ଥତା ଲାଭ କରିଥିଲେ।"

113 ବର୍ତ୍ତମାନ, ପ୍ରଭୁ, ଆମେମାନେ ଜାଣୁ ଯେ ସାଧୁ ପାଉଲ ତୁମ ସହିତରେ ଅଛନ୍ତି। ମାତ୍ର, ଏହା ସେ ନ ଥିଲେ; ହେ ପ୍ରଭୁ, ଏହା ତ ତୁମେ, ଖ୍ରୀଷ୍ଟ ତାହାଙ୍କଠାରେ ଥିଲ। "ଏହା ମୁଁ ନୁହେଁ ଯିଏକି ଜୀବିତ ଅଟେ, ବରଂ ଖ୍ରୀଷ୍ଟ ମୋ ଠାରେ ଜୀବିତ ଅଛନ୍ତି," ସେ କହିଥିଲେ।

114 ଏବଂ ବର୍ତ୍ତମାନ ଏହି ପୀଢୀ ପ୍ରତି, ତୁମେ ଆଜି ମଧ୍ୟ, ଖ୍ରୀଷ୍ଟ ଅଟ, ଯେପରିକି ତୁମେ ଗତକାଲି ଥିଲ। ଏବଂ ଯେତେବେଳେ ମୁଁ ଏହି ରୁମାଲଗୁଡିକୁ ସ୍ପର୍ଶ କରି, ସେଗୁଡିକ ଉପରେ ପ୍ରାର୍ଥନା କରୁଅଛି, ମୁଁ ପ୍ରାର୍ଥନା କରେ ଯେ ତୁମେ ପ୍ରତ୍ୟେକ ଶତ୍ରୁକୁ ପରାସ୍ତ କରିବ। ସେମାନଙ୍କୁ ଏହା ନିମନ୍ତେ ବିଶ୍ୱାସ ଦିଅ, ଯେ ସେମାନେ ଜାଣନ୍ତୁ ଯେ ଶତ୍ରୁ ପରାସ୍ତ ହୋଇଅଛି।

115 ଏବଂ ଥରେ, ସେହି ସୂଫ ସାଗରରେ, ଯେପରିକି ଆମେମାନେ ବର୍ତ୍ତମାନ ହିଁ ସେହି ବିଷୟରେ କଥା ହୋଇଥିଲୁ, ଯେ ତାହା ଇସ୍ରାଏଲକୁ ପ୍ରତିଜ୍ଞାଠାରୁ ଦୂରେଇ ରଖୁଥିଲା, ଏବଂ ସେମାନେ କର୍ତ୍ତବ୍ୟର ପଥରେ ଥିଲେ। ଏବଂ ଜଣେ ଲେଖକ କହିଲେ, ଯେ, "ପରମେଶ୍ୱର ସେହି ଅଗ୍ନିସ୍ତମ୍ଭ ଦେଇ, କ୍ରୋଧିତ ଆଖିରେ ତଳକୁ ଚାହିଁଲେ, ଏବଂ ସେହି ସମୁଦ୍ର ଭୟଭୀତ ହୋଇ ତାର ଫାଟକଗୁଡିକୁ ଖୋଲିଦେଲା, ଆଉ ସେମାନେ ପାର ହୋଇ ଆରପାରିକୁ ଚାଲିଗଲେ।"

116 ଆଜି ରାତି, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ, ଦେଇ ତଳକୁ ଅନାଅ। ଏବଂ ଏହା ହେଉ ଯେ, ଯେତେବେଳେ ଏହି ରୁମାଲଗୁଡିକ ରୋଗୀମାନଙ୍କ ଉପରେ ରଖାଯାଏ, ତେବେ ସେହି ଶତ୍ରୁ ଆଜିରାତି, ଆମର ବିଶ୍ୱାସକୁ ଦେଖୁ, ଯେତେବେଳେକି ଆମେମାନେ ଏହି ବିଶ୍ୱାସର ପ୍ରାର୍ଥନାକୁ ସେମାନଙ୍କ ପାଇଁ କରୁଅଛୁ। ଏବଂ ଏହା ହେଉ ଯେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ପ୍ରତ୍ୟେକ ଜଣ ଉଦ୍ଧାର କରାଯାଉନ୍ତୁ। ଆମେନ୍।

117 ବର୍ତ୍ତମାନ ମୁଁ ଆପଣମାନଙ୍କର ଅବିଭକ୍ତ ଧ୍ୟାନକୁ ଚାହେଁ। ଯେକେହି ବି ଏଠାରେ ମାଇକ୍ ଉପରେ ଅଛନ୍ତି, ଆପଣ ଏହାକୁ ବଢାଇ ଦେଇପାରନ୍ତି। କାରଣ, ଯଦି ପବିତ୍ରଆତ୍ମା ଏହା କରନ୍ତି…ମୁଁ ଏହା କହୁ ନାହିଁ ଯେ ସେ କରିବେ।

118 ତେବେ କେହି ହେଲେ ବି ଏଠାକୁ ଆସି ଆପଣଙ୍କୁ କୁହନ୍ତି ଯେ ସେମାନଙ୍କ ପାଖରେ ରୋଗୀମାନଙ୍କୁ ସୁସ୍ଥ କରିବାର ଶକ୍ତି ଅଛି, ତେବେ ଆପଣ ତାହା ବିଶ୍ୱାସ କରନ୍ତୁ ନାହିଁ। ସମସ୍ତ ଶକ୍ତି ଖ୍ରୀଷ୍ଟଙ୍କଠାରେ ଅଛି। ସେ ହେଉଛନ୍ତି ବିଜେତା, ଆପଣ ଏବଂ ମୁଁ ନୋହୁଁ। ଆମେ ତ କେବଳ ତାହା ଗ୍ରହଣ କରୁ ଯାହା ସେ କରିଅଛନ୍ତି। କୌଣସି ମନୁଷ୍ୟ ପାଖରେ ଉଦ୍ଧାର କରିବାର କିମ୍ବା ସୁସ୍ଥ କରିବାର ଶକ୍ତି ନାହିଁ।

119 ଜଗତର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ, ସେହି ମୂଲ୍ୟ ପରିଶୋଧ କରା ଯାଇସାରିଛି। ସେହି ଆବଶ୍ୟକତାଟି ପ୍ରଦାନ କରା ଯାଇସାରିଛି। ଏହା କେମିତି ହେଲା? "ସେ ଆମମାନଙ୍କ ଅପରାଧ ଯୋଗୁଁ ଘାତ କରାଗଲେ, ତାହାଙ୍କର କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହେଲୁ।" ଆପଣଙ୍କର—ଆପଣଙ୍କର ଆରୋଗ୍ୟତା ପାଇଁ ଦେୟ ଦିଆ ଯାଇସାରିଛି। ଆପଣଙ୍କର ପରିତ୍ରାଣ ପାଇଁ ଅର୍ଥ ଦିଆ ଯାଇସାରିଛି। କଅଣ ଆପଣଙ୍କ ପାଖରେ ତାହା ଆସି, ଗ୍ରହଣ କରିବା ହେତୁ ବିଶ୍ୱାସ ଅଛି କି? ତାହାହିଁ ସବୁ କିଛି ଅଟେ। ଯଦି ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି, ତାହାହେଲେ ଆପଣଙ୍କର ଅଛି। ପରମେଶ୍ୱର ଏହା ପ୍ରତିଜ୍ଞା କରିଥିଲେ। ଆପଣଙ୍କ ଭିତରେ ଏପରି କିଛି ଗୋଟାଏ ଅଛି ଯାହାକି କୁହେ ଯେ ତାହା ସେଠାରେ ଅଛି, ଏବଂ ତାହା ଅଟେ।

120 ତେବେ ଗୋଟିଏ ବରଦାନ କଅଣ ଅଟେ? କଅଣ ବାହାରକୁ ଯାଇ ଲୋକମାନଙ୍କୁ ସୁସ୍ଥ କରିବା ଏକ ବରଦାନ ଅଟେ କି? ନା। ଗୋଟିଏ ବରଦାନ ତ ହେଉଛି ତାହା ଯେ ଆପଣ ନିଜକୁ ସେହି ମାର୍ଗରୁ ବାହାର କରିନିଅନ୍ତି, ଯେପରିକି ପରମେଶ୍ୱର ଆପଣଙ୍କୁ ବ୍ୟବହାର କରିପାରନ୍ତି।

121 ତେବେ ସେ ପ୍ରତିଜ୍ଞା କରିଥିଲେ ଯେ, ଯୀଶୁ ଖ୍ରୀଷ୍ଟଙ୍କ ଅନୁଯାୟୀ, ସେହି ଶେଷ ଚିହ୍ନଟି, "ଯେପରିକି ତାହା ସଦୋମଙ୍କ ସମୟରେ ହୋଇଥିଲା, ଠିକ ତାହା ଅଗ୍ନିରେ ଦଗ୍ଧ ହେବା ପୂର୍ବରୁ।" ଅନ୍ୟାନ୍ୟ ଘଟଣାସବୁ ଘଟିବା ପୂର୍ବରୁ ନୁହେଁ, ଲୋଟ ଦ୍ୱାରା ସୁସମାଚାର ପ୍ରଚାର କରାଯିବା, ଏବଂ ପ୍ରଭୃତି ସବୁ; ତାହା ନୁହେଁ। ମାତ୍ର ଏହା ଠିକ ନିଆଁରେ ଦଗ୍ଧ ହେବା ପୂର୍ବରୁ, ପରମେଶ୍ୱର ଏକ ମନୁଷ୍ୟ ରୂପରେ ତଳକୁ ଓହ୍ଲାଇ ଆସିଥିଲେ, ଏବଂ ମନୋନୀତ ମଣ୍ଡଳୀ ସହିତ, ଅବ୍ରହାମ ଏବଂ ତାଙ୍କ ଦଳ ସହିତ, ବସିଥିଲେ, ଯେଉଁମାନଙ୍କ ପାଖରେ ସେହି ପ୍ରତିଜ୍ଞା ରହିଥିଲା।

122 ତେବେ ମନେରଖନ୍ତୁ, କେବଳ ଅବ୍ରହାମଙ୍କ ବୀଜ ହିଁ ଏହାକୁ ଗ୍ରହଣ କରେ। "ଅଳ୍ପ ସମୟ ଏହି ଜଗତ ମୋତେ ଆଉ ଦେଖିବ ନାହିଁ," ଯୀଶୁ କହିଥିଲେ। "ତୁମେମାନେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ତୁମ ଅନ୍ତରରେ, ଏପରିକି ଜଗତର ଶେଷ ପର୍ଯ୍ୟନ୍ତ ରହିବି।"

123 ମାତ୍ର ସେ ପ୍ରତିଜ୍ଞା କରିଥିଲେ, ଯେ ଠିକ୍ ତାହାର ପୂର୍ବରୁ ଯେତେବେଳେ ସେ ପୁନର୍ବାର ଫେରି ଆସନ୍ତି, "ଯେପରି ତାହା ସଦୋମରେ ଥିଲା," ଦେଖନ୍ତୁ ଯେ ସଦୋମ କେଉଁ ଦଶାକୁ ଯାଉଅଛି; ଦେଖନ୍ତୁ ଯେ ମନୋନୀତ ମଣ୍ଡଳୀ କଅଣ ହେଉଅଛି, କହିଥିଲେ, "ଠିକ ସେହିପରି

ତାହା ମନୁଷ୍ୟପୁତ୍ରର ଆଗମନ କରିବା ସମୟରେ ହେବ।" ପରମେଶ୍ୱର ଏକ ମନୁଷ୍ୟ ରୂପରେ ପ୍ରକଟିତ ହୋଇଥିଲେ, ଯେ ସେ ତାହାଙ୍କ ପିଠିକୁ ତମ୍ବୁ ଆଡକୁ କରି ମଧ୍ୟ, ଏହା କହିଥିଲେ ଯେ ସାରା ତମ୍ବୁ ଭିତରେ ଥାଇ କଅଣ କରିଥିଲେ। ସମସ୍ତେ ଯେଉଁମାନେକୀ ଏହା ଜାଣନ୍ତି ଯେ ତାହା ସତ୍ୟ ଅଟେ, ନିଜର ହାତ ଉଠାନ୍ତୁ। ତାହା ଅବିକଳ ଠିକ୍ ଅଟେ। ତେବେ ସେ ଏହା ପ୍ରତିଜ୍ଞା କରିଥିଲେ। ଆମେମାନେ ଶେଷ ସମୟରେ ଅଛୁ। ତେବେ ମନେରଖନ୍ତୁ, ଯେ ତାହା ସେହି ଶେଷ ବିଷୟ ଥିଲା ଯାହାକି ଘଟିଥିଲା; ଏବଂ ସେହି ବିଜାତୀୟ ଜଗତ, ସଦୋମ ଜଳି ଯାଇଥିଲା, ଏବଂ ସେହି ପ୍ରତିଜ୍ଞାତ ପୁତ୍ର ଦୃଶ୍ୟସ୍ଥଳକୁ ଆସିଥିଲେ। ଆମେମାନେ ଏକ ପ୍ରତିଜ୍ଞାତ ପୁତ୍ର, ପରମେଶ୍ୱରଙ୍କ ପୁତ୍ରର ଅପେକ୍ଷା କରୁଅଛୁ।

124 ଆମେମାନେ ଏଠାରେ ଅଛୁ। ପରମେଶ୍ୱର ଆପଣଙ୍କର ଆଖିକୁ ଖୋଲି ଦିଅନ୍ତୁ। ମୁଁ ଆଉ କିଛି କହିବାର ଜାଣେ ନାହିଁ। ସେ ଆପଣଙ୍କର ଆଖି ଖୋଲି ଦିଅନ୍ତୁ।

125 ତେବେ ହେ ସ୍ୱର୍ଗସ୍ଥ ପିତା, ମୁଁ ଅସହାୟ ପରି ଅଟେ, ମୁଁ ତ ଏକ ମାଟି ପିଣ୍ଡୁଳା ଅଟେ ଯାହାକୁ ତୁମେ ଏକାଠି ଗଢିଛ, ଏବଂ ଏଠାରେ ରଖିଅଛ। ହେ ପରମେଶ୍ୱର, ଏହା ହେଉ ଯେ ମୋ ଠାରେ, ଆଜି ରାତି, ତୁମର ଅନୁଗ୍ରହ ଏବଂ ଉପସ୍ଥିତି ରହୁ, ଯେପରିକି ଏହା ତୁମେ ହିଁ ହୋଇପାରିବ ଯେ ଏହି ଛୋଟ ଛୋଟ ମାଟି ପିଣ୍ଡୁଳାଗୁଡିକୁ ଯାହା ତୁମେ ଏଠାରେ ରଖିଅଛ ବ୍ୟବହାର କରିପାରିବ। ଯେପରିକି ସେମାନଙ୍କୁ, ପ୍ରଭୁ, ଯାହାଙ୍କୁ ତୁମେ ଅନନ୍ତ ଜୀବନ ନିମନ୍ତେ ଡାକିଅଛ, ଏବଂ ବୋଧହୁଏ ସେମାନେ ଏପର୍ଯ୍ୟନ୍ତ ଏହାକୁ ଗ୍ରହଣ କରିନାହାଁନ୍ତି, ଏହା ହେଉ ଯେ ସେମାନେ ଏହି ପ୍ରତିଜ୍ଞାଗୁଡିକୁ ଦେଖିପାରନ୍ତୁ। ସେମାନଙ୍କୁ ହୁଏତ ଏହା ଶିକ୍ଷା ଦିଆଯାଇଥିବ ଯେ ସେଗୁଡିକ ଅନ୍ୟ ଏକ ଦିନ ପାଇଁ ଥିଲା, ମାତ୍ର ତାହା ଏଠାରେ ଏହି ବାଇବଲରେ ଅଛି। ପ୍ରଭୁ, ଏହାକୁ ସୁନିଶ୍ଚିତ କର। ତାହା ତୁମର ନିଜର ବ୍ୟାଖ୍ୟା ଅଟେ। ତାହା ଏହାଠାରୁ ଅଧିକ କିଛି ଦରକାର କରେ ନାହିଁ। ଯଦି ତୁମେ ଏହାକୁ କେବଳ ସେହିପରି ଭାବରେ କରିବ, ତେବେ ସେମାନେ ଏହା ଦେଖିବେ ଯେ ସେହି ବାକ୍ୟ ସତ୍ୟ ଅଟେ। ପିତା, ଏହା ପ୍ରଦାନ କର। ଆମେମାନେ ନିଜକୁ ତୁମଠାରେ ସମର୍ପିତ କରୁଅଛୁ।

126 ପ୍ରଭୁ, ଏଠାରେ ଥିବା ପ୍ରତ୍ୟେକ ବ୍ୟକ୍ତି, ଆଜି ରାତି, ସେମାନଙ୍କର ବିଶ୍ୱାସକୁ ବ୍ୟବହାର କରନ୍ତୁ। ଏହା ହେଉ ଯେ ଅବ୍ରହାମଙ୍କ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟ, ଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ, ଆଜି ରାତି, ବିଶ୍ୱାସକୁ ପ୍ରାପ୍ତ କରନ୍ତୁ, ଏବଂ ତୁମର ଉପସ୍ଥିତିକୁ ଗ୍ରହଣ କରନ୍ତୁ। ଏବଂ ଆମେ ତୁମକୁ ପ୍ରଶଂସା ଦେବୁ। ଆମେନ୍।

127 ବର୍ତ୍ତମାନ, ଏହା ହେଉଛି ଶେ-...ତେବେ ଏହା ଏକ ପ୍ରକାର ବିଚିତ୍ର ବିଷୟ ଅଟେ। ମୁଁ ଚାହେଁ ଯେ ଆପଣମାନେ ବର୍ତ୍ତମାନ ମୋତେ ସାହାଯ୍ୟ କରନ୍ତୁ, ମୋ ପାଇଁ ପ୍ରାର୍ଥନା କରନ୍ତୁ। ପ୍ରକୃତରେ ନୀରବ ହୋଇ ବସି ରହିଥାଆନ୍ତୁ, ଏଆଡେ ସେଆଡେ ବୁଲାବୁଲି କରନ୍ତୁ ନାହିଁ। ନୀରବରେ ବସି, ପ୍ରାର୍ଥନା କରୁଥାଆନ୍ତୁ।

128 ତେବେ, ଦେଖନ୍ତୁ, ଏହା ସୁସମାଚାର ପ୍ରଚାର କରିବା ବିଷୟଠାରୁ ପରିବର୍ତ୍ତନ ହୋଇ,

ନିଜକୁ ଏପରି ଭାବରେ ଆରାମ କରିବା ବିଷୟକୁ ହେଉଅଛି ଯେ ପରମେଶ୍ୱରଙ୍କ ଆତ୍ମା ଆପଣଙ୍କୁ ସଂପୂର୍ଣ୍ଣ ରୂପେ ଅନ୍ୟ ଏକ ପରିସରକୁ ନେଇ ଯାଇପାରନ୍ତି ।

129 ତେବେ ଏଠାରେ ଏହି ଯୁବା ଜଣକ ଛିଡା ହୋଇଛନ୍ତି...ହେ ମହିଳା, ଏଠାକୁ ଅଳ୍ପ ଟିକିଏ ଆସନ୍ତୁ । ଏବଂ କେବଳ...ତାହା ଠିକ୍ ଅଛି, ଯେଣୁ ମୁଁ ଏହି ମାଇକ୍ ଠାରୁ ଦୂରେଇ ନ ଯାଏ । ଦେଖନ୍ତୁ, ମୁଁ ଜାଣେ ନାହିଁ ଯେ କଅଣ ଘଟିତ ହୁଏ, ଆପଣ ଦେଖନ୍ତୁ, ଏବଂ ତାହାପରେ ବେଳେବେଳେ, ଆପଣ ଜାଣନ୍ତି...ତେବେ କେବଳ ମାତ୍ର ଉପାୟ ଯେ ମୁଁ ଏହାକୁ ଜାଣେ, ଏହା—ଏହା ମାଇକ୍ ରେ ଅଛି, ଆପଣ ଦେଖନ୍ତୁ, ଏବଂ ସେମାନେ ଏହାକୁ ସେଠାରେ ଧରିବାକୁ ଚେଷ୍ଟା କରୁଛନ୍ତି, ଏବଂ ମୁଁ ଜାଣେ ନାହିଁ ଯେ ତାହା କଅଣ ଅଟେ ।

130 ତେବେ ଆମେମାନେ ପରସ୍ପର ପାଇଁ ଅପରିଚିତ ଅଟୁ । ମୁଁ ଆପଣଙ୍କୁ ଜାଣେ ନାହିଁ, ଆପଣଙ୍କୁ ମୋ ଜୀବନରେ କେବେବି ଦେଖି ନାହିଁ । କିନ୍ତୁ ଆପଣ ମୋ ଠାରୁ ବହୁତ ସାନ ଅଟନ୍ତି । ଏବଂ ବୋଧହୁଏ ଆମର ଜନ୍ମସ୍ଥାନ ମାଇଲ୍ ବାଟ ପାର୍ଥକ୍ୟ ଅଟେ, ଏବଂ ଅନେକ ବର୍ଷ ପାର୍ଥକ୍ୟରେ ହୋଇଅଛି । ଏହା ଆମର ପ୍ରଥମ ଥର ସାକ୍ଷାତ ଅଟେ । କଅଣ ଏହା ଠିକ୍ ଅଟେ କି? ଯଦି ଏହା ଅଟେ, ତେବେ ନିଜର ହାତ ଉଠାନ୍ତୁ ଯାହାଦ୍ୱାରା ଶ୍ରୋତାବୃନ୍ଦ ଦେଖିବେ । ତେବେ, ସେ କେବଳ ଏଠାରେ ଛିଡା ହୋଇଥିବା ଜଣେ ମହିଳା ଅଟନ୍ତି ।

131 ଦେଖନ୍ତୁ, ଏହାକୁ ଶାସ୍ତ୍ର ନିକଟକୁ ଫେରାଇ ନିଅନ୍ତୁ । ଆସନ୍ତୁ ଆମେମାନେ ସାଧୁ ଯୋହନ 4 କୁ ନେବା । ଆପଣମାନେ ପ୍ରତ୍ୟେକେ ଯେତେବେଳେ ଘରକୁ ଯାଆନ୍ତି ଏହାକୁ ପାଠ କରନ୍ତୁ । ଏହା ନୁହେଁ—ଏହା ନୁହେଁ ଯେ ଏହି ସ୍ତ୍ରୀଲୋକ ଜଣକ ସେହି ପ୍ରକାରର ଜଣେ ସ୍ତ୍ରୀ ଅଟନ୍ତି; ମୁଁ ଜାଣେ ନାହିଁ । ଏବଂ ଆପଣ ଜାଣନ୍ତି ଯେ ମୁଁ ଯୀଶୁ ଖ୍ରୀଷ୍ଟ ନୁହେଁ । ମାତ୍ର ସେ ଏଠାରେ ଅଛନ୍ତି । ଏହା ସେ ଅଟନ୍ତି । ତେବେ ତାହାଙ୍କର ଆତ୍ମା ଆମକୁ ଅଭିଷେକ କରି, ସେହି ସ୍ତ୍ରୀଲୋକର ସମସ୍ୟାକୁ ପ୍ରକାଶ କରିପାରନ୍ତି, ଯେପରିକି ସେ କୂଅରେ ଥିବା ସେହି ସ୍ତ୍ରୀଲୋକ ପ୍ରତି କରିଥିଲେ । ସମାନ କଥା ।

132 ଏବଂ, ତାହା ଦ୍ୱାରା, ଯେଉଁଠାରେକି ସେହି ଦିନର ଯାଜକ ଓ ନେତାମାନେ, କହିଥିଲେ, "ଏହି ବ୍ୟକ୍ତି ଜଣେ କୁହୁକ ବିଦ୍ୟାକାରୀ ଅଟନ୍ତି, କିମ୍ବା ଏକ ଶୟତାନ, ବାଆଲ୍‌ଯିବୂଲ୍ ଅଟନ୍ତି ।"

133 ଏହି ସ୍ତ୍ରୀଲୋକଟି କହିଲେ, "ମହାଶୟ, ଆପଣ ଜଣେ ଭାବବାଦୀ ବୋଲି ମୁଁ ଜାଣିପାରୁଛି । ଆମେ ଜାଣୁ ଯେ ମଶୀହ ଆସୁଛନ୍ତି, ଏବଂ ତାହା ତାହାଙ୍କର ଚିହ୍ନ ହେବ ।"

134 ତେବେ, କେତେ ଜଣ ଜାଣନ୍ତି ଯେ ତାହା ସତ ଅଟେ? ତେବେ, ଯଦି ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି, ତାହାହେଲେ ଆଜି ରାତିରେ ତାହା କଅଣ ତାହାଙ୍କର ଚିହ୍ନ ହେବ ନାହିଁ କି? କଅଣ ତାହା ଠିକ ସେହି ସମୟର ଶେଷ ପୂର୍ବରୁ ହେବ ବୋଲି, ସେ ଏହା ପ୍ରତିଜ୍ଞା କରି ନ ଥିଲେ କି? ତେବେ ଦେଖନ୍ତୁ ଯେ ସେ ଅବ୍ରହାମଙ୍କ ବଂଶ ପ୍ରତି ତାହାଙ୍କର ପ୍ରତିଜ୍ଞାକୁ ରକ୍ଷା କରୁଅଛନ୍ତି କି ନାହିଁ?

135 ବର୍ତ୍ତମାନ ଯଦି ଏଠାରେ ଏପରି କେହି ଥାଆନ୍ତି ଯିଏକି ଏହାକୁ ଭୁଲ ବୋଲି ଭାବିଥାଆନ୍ତି, ତାହାହେଲେ ଆପଣ ଏଠାକୁ ଉପରକୁ ଆସି ସେହି ସମାନ କାର୍ଯ୍ୟକୁ ସାଧନ କରନ୍ତୁ । ଯଦି ଏହା ନୁହେଁ, ତାହାହେଲେ ଏହା ବିଷୟରେ କିଛି ହେଲେ କୁହନ୍ତୁ ନାହିଁ । ଆପଣଙ୍କ ପାଖରେ ସେହି ସୌଭାଗ୍ୟ ଅଛି ।

136 ତେବେ, ଖ୍ରୀଷ୍ଟଙ୍କ ନାମରେ, ମୁଁ ପ୍ରତ୍ୟେକ ଆତ୍ମାକୁ, ପରମେଶ୍ୱରଙ୍କ ଗୌରବ ଏବଂ ସମ୍ଭ୍ରମ ନିମନ୍ତେ ମୋ ଅଧୀନରେ ନେଇଥାଏ ।

137 ହେ ଯୁବା ମହିଳା, ମୋତେ କେବଳ ଆପଣଙ୍କ ସହିତ ଅଳ୍ପ କିଛି କ୍ଷଣ, କଥା ହେବାକୁ ପଡିବ । ଆପଣ ଜାଣନ୍ତି, ଆମ ପ୍ରଭୁ ସେହି ସ୍ତ୍ରୀ ସହିତ କୂଅ ପାଖରେ କଥା ହୋଇଥିଲେ । ସେ କହିଥିଲେ, "ମୋତେ ପାନ କରିବାକୁ ଦିଅ ।" ସେ କଅଣ କରୁଥିଲେ?

138 ତେବେ ଦେଖନ୍ତୁ, ସେ ସାଧୁ ଯୋହନ 5 ରେ, କହିଲେ, "ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ପୁତ୍ର," ତାହା ସେ ଥିଲେ, ଶରୀର, "ନିଜଠାରୁ କିଛି କରିପାରନ୍ତି ନାହିଁ," କେବଳ ସେ ଯାହା ପିତାଙ୍କୁ କରୁଥିବାର ଦେଖନ୍ତି । "ପିତା ଯାହା କରନ୍ତି, ସେ ପୁତ୍ରଙ୍କୁ ଦେଖାନ୍ତି । ଦେଖ, ମୁଁ ନିଜଠାରୁ କିଛି କରିପାରେ ନାହିଁ, ମାତ୍ର ମୁଁ ଯାହା ପିତାଙ୍କୁ କରୁଥିବାର ଦେଖେ ।" ତେବେ, ଯୀଶୁ ସେପର୍ଯ୍ୟନ୍ତ କେବେବି କୌଣସି ଏକ ଚମତ୍କାର ପ୍ରଦର୍ଶନ କଲେ ନାହିଁ, ଯେପର୍ଯ୍ୟନ୍ତକି ପ୍ରଥମେ ପରମେଶ୍ୱର ତାହାଙ୍କୁ ଏକ ଦର୍ଶନ ଦ୍ୱାରା ତାହା ଦେଖାଇ ନ ଦେଲେ; ତାହାଙ୍କୁ ତାଙ୍କ କାନରେ ଯାଇ କହି ଦେଲେ ନାହିଁ, ବରଂ ତାହାଙ୍କୁ ଦେଖାଇଲେ । "ଯାହା ମୁଁ ଦେଖେ," ଶୁଣେ ନାହିଁ, "ପିତାଙ୍କୁ କରୁଥିବାର ଦେଖେ ।" ତାହା ହିଁ ଅଟେ ଯାହାକି ତାହାଙ୍କୁ ମୋଶାଙ୍କ ସଦୃଶ ଜଣେ ଭବିଷ୍ୟଦ୍‌ବକ୍ତା କରିଥିଲା, ଯେପରିକି ମୋଶା କହିଥିଲେ । ତେବେ ଯେତେବେଳେ ସେ—ସେ ପିତାଙ୍କୁ ଜାଣିଲେ…ସେ ଥିଲେ…

139 ସେ ଯିରୀହୋକୁ ଯାଉଥିଲେ, ମାତ୍ର ତାହାଙ୍କୁ ଶମିରୋଣ ଦେଇ ଯିବାକୁ ପଡିଲା, ଏବଂ ସେ ସୁଖାର ନାମକ ଏକ ନଗରକୁ ଆସିଲେ । ଏବଂ ତେବେ ଦେଖନ୍ତୁ, ଶମିରୋଣୀୟମାନେ ଜଣେ ମଶୀହଙ୍କ ଅପେକ୍ଷାରେ ରହିଥିଲେ ।

140 ଯିହୁଦୀମାନେ ଏହାର ଅପେକ୍ଷାରେ ରହିଥିଲେ, ଏବଂ ସେ ସେମାନଙ୍କୁ ନିଜର ଚିହ୍ନକୁ ଦେଖାଇଲେ । ଫିଲିପ୍ପ, ନିଥନିୟେଲ, ପିତର, ସେହି ଚିହ୍ନ ପ୍ରଦର୍ଶିତ କରାଯିବା ମାତ୍ରେ, ସେମାନେ କହିଥିଲେ, "ତୁମେ ପରମେଶ୍ୱରଙ୍କ ପୁତ୍ର ।"

ରାବ୍ବୀ ଜଣକ କହିଲେ, "ଏହି ମନୁଷ୍ୟ ତ ବାଆଲ୍‌ଯିବୂଲ୍ ଅଟେ ।"

141 ମାତ୍ର ବର୍ତ୍ତମାନ ମନେରଖନ୍ତୁ, ସେହି ବିଜାତୀୟମାନେ, ଅର୍ଥାତ୍ ଆମେମାନେ, ଆମେମାନେ ଆଙ୍ଗ୍ଲୋ-ସାକ୍ସନ୍ ଜାତିର ଥିଲୁ, ଆମେମାନେ—ଆମେମାନେ କୌଣସି ମଶୀହଙ୍କ ଅପେକ୍ଷାରେ ନ ଥିଲୁ । ଆମେମାନେ ତ ପ୍ରତିମାପୂଜକ, ରୋମୀୟ, ଏବଂ ପ୍ରଭୃତି ସବୁ ଥିଲୁ । ଆମେ କୌଣସି ମଶୀହଙ୍କ ଅପେକ୍ଷାରେ ନ ଥିଲୁ । ସେ ତ କେବଳ ସେହି ଲୋକମାନଙ୍କ ପାଖକୁ ଆସନ୍ତି ଯେଉଁମାନେ ତାହାଙ୍କ ଅପେକ୍ଷାରେ ରହିଥାଆନ୍ତି ।

142 ମାତ୍ର ସେହି ଶମିରୋଣୀୟମାନେ ତାହାଙ୍କ ଅପେକ୍ଷାରେ ଥିଲେ, ତେଣୁ ତାହାଙ୍କୁ ଶମିରୋଣ ଦେଇ, ସେମାନଙ୍କ ପାଖକୁ ଯିବାକୁ ପଡିଲା । ସେ କୂଅ ପାଖରେ ବସି ପଡିଲେ । ଜଣେ ଯୁବା ମହିଳା, ବୋଧହୁଏ ଆପଣଙ୍କ ବୟସର ହେବ, ବାହାରି ଆସିଲେ । ସେ ଜଣେ କୁଖ୍ୟାତି-ସମ୍ପନ୍ନ ସ୍ତ୍ରୀଲୋକ ଥିଲେ । ଆପଣ ସେହି କାହାଣୀକୁ ପଢିଛନ୍ତି, ମୁଁ ଅନୁମାନ କରେ । ଏବଂ ସେ କହିଲେ, "ହେ ନାରୀ, ମୋତେ ପାନ କରିବାକୁ ଦିଅ ।"

143 ସେହି ସ୍ତ୍ରୀଲୋକଟି କହିଲା, "ଓଃ, ଏହା ଆପଣଙ୍କ ପାଇଁ ବ୍ୟବାହାର ଯୋଗ୍ୟ ନୁହେଁ, ଯେ ଜଣେ ଯିହୁଦୀ ହୋଇ, ଶମିରୋଣୀୟଙ୍କୁ ତାହା ମାଗିବା ।"

144 ସେ କହିଲେ, "କିନ୍ତୁ ଯଦି ତୁମେ ଜାଣିଥାଆନ୍ତ ଯେ ତୁମେ କାହା ସହିତ କଥାବାର୍ତ୍ତା କରୁଅଛ, ତେବେ ତୁମେ ମୋତେ ପିଇବାକୁ ମାଗିଥାଆନ୍ତ ।"

145 ସେହି ବାର୍ତ୍ତାଳାପ ଚାଲି ରହିଲା । ଅବଶେଷରେ, ସେ ଜାଣି ପାଇଲେ ଯେ ତାର ସମସ୍ୟାଟି କେଉଁଠାରେ ଥିଲା । କଅଣ ଆପଣମାନଙ୍କର ମନେ ଅଛି ଯେ ତାହା କଅଣ ଥିଲା? ତାର ଅନେକ ସ୍ୱାମୀମାନେ ଥିଲେ । ଏବଂ କହିଲେ, "ଯାଅ ତୁମ୍ଭ ସ୍ୱାମୀକି ଡାକି, ଏଠାକୁ ଆସ ।"

ସେ ଉତ୍ତର ଦେଲା, "ମୋର କୌଣସି ସ୍ୱାମୀ ନାହିଁ ।

146 କହିଲେ, "ତୁମେ ସତ୍ୟ କହିଛ," କହିଲେ, "କାରଣ ତୁମର ପାଞ୍ଚଟି ଥିଲେ, ଆଉ ବର୍ତ୍ତମାନ ଯାହା ସହିତ ତୁମେ ରହୁଅଛ ସେ ତୁମ୍ଭର ନୁହେଁ ।"

147 ସେ କହିଲା, "ମହାଶୟ, ଆପଣ ଯେ ଜଣେ ଭାବବାଦୀ ଏହା ମୁଁ ଜାଣି ପାରୁଅଛି । ଆମ୍ଭେ ଜାଣୁ ଯେ, ମଶୀହ ଯେତେବେଳେ ଆସିବେ, ସେ ଆମକୁ ଏହି ସବୁ ବିଷୟ ଜଣାଇବେ ।"

ତେବେ ସେ କହିଲେ, "ମୁଁ ସେହି ଅଟେ ।"

148 ସେ ତାର ଜଳପାତ୍ର ଥୋଇ ଦେଇ, ନଗର ମଧ୍ୟକୁ ଦୌଡ଼ିଗଲା, ଏବଂ କହିଲା, "ଆସ, ଜଣେ ବ୍ୟକ୍ତିଙ୍କୁ ଦେଖିବ ସେ ମୋତେ ତାହା ସବୁ କହିଲେ ଯାହା ଯାହା ମୁଁ କରିଅଛି । ସେ କେଜାଣି ମଶୀହ ହେବେ ପରା?" ଶହ ଶହ ବର୍ଷ ହେଲା ସେମାନଙ୍କର କୌଣସି ଭବିଷ୍ୟଦ୍‌ବକ୍ତା ନ ଥିଲେ । ଏବଂ ଏଠାରେ ଜଣେ ବ୍ୟକ୍ତି ଥିଲେ ଯିଏକି ନିଜକୁ ମଶୀହ ବୋଲି ଦାବି କରିଥିଲେ, ଏବଂ ଜଣେ—ଜଣେ ଭବିଷ୍ୟଦ୍‌ବକ୍ତା ବୋଲି ପ୍ରମାଣ କରିଥିଲେ, ଏବଂ ମଶୀହଙ୍କର ସେହି ଚିହ୍ନକୁ ଦେଖାଇଥିଲେ ।

149 ଯଦି ସେ ସେହି ସମାନ କାର୍ଯ୍ୟ କରନ୍ତି, ତେବେ କଅଣ ଏହା ଆପଣଙ୍କୁ ସେହି ସମାନ କଥାକୁ ବିଶ୍ୱାସ କରାଇବ କି, ଯେହେତୁ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି, ଏବଂ ଏହି ଶାସ୍ତ୍ର ଦ୍ୱାରା ପ୍ରତିଜ୍ଞା କରିଛନ୍ତି ଯେ ସେ ଏହା କରିବେ?

କଅଣ ଏହା ଶ୍ରୋତାବୃନ୍ଦଙ୍କୁ ବିଶ୍ୱାସ କରାଇବ କି?

150 ଆପଣ ଏକ ବୃକକ୍ ଜନିତ ସମସ୍ୟାରେ ପୀଡିତ ଅଟନ୍ତି। ଯଦି ତାହା ଠିକ୍ ଅଟେ, ତାହାହେଲେ ନିଜର ହାତ ଉଠାନ୍ତୁ।

151 କାହିଁକି ତାହା ସବୁବେଳେ ମୋ ମୁହଁରେ ଫେରି ଆସିଥାଏ? କେହି ଜଣେ କୁହନ୍ତି, "ସେ ତାହା ଅନୁମାନ କଲେ।" ମୁଁ ଏହା କଦାପି ଅନୁମାନ କରି ନାହିଁ।

152 ଏଠାରେ ସେ ଜଣେ ଅତି ଭଦ୍ର ମହିଳା ଅଟନ୍ତି। କଅଣ ଆପଣ ମୋତେ ବିଶ୍ୱାସ କରନ୍ତି କି? ତେବେ ଆପଣ ଜାଣନ୍ତି ଯେ ମୁଁ ଏହା କେବେବି ଅନୁମାନ କରି ନାହିଁ। ମୋତେ ଆଉ କିଛି ବିଷୟ କହିବାକୁ ଦିଅନ୍ତୁ। ଆପଣଙ୍କର ସ୍ୱାମୀ ଆପଣଙ୍କ ସହିତରେ ଅଛନ୍ତି। ସେ ମଧ୍ୟ, ଯନ୍ତ୍ରଣା ଭୋଗୁଛନ୍ତି। କଅଣ ସେ ନୁହଁନ୍ତି କି? ଏକ ମେରୁଦଣ୍ଡ ଅବସ୍ଥାରେ। ତାହା ଠିକ୍ ଅଟେ। କଅଣ ଏହା ନୁହେଁ କି? ଆପଣଙ୍କ ସହିତ ଆପଣଙ୍କର ଏକ ଛୋଟ ପିଲାଟିଏ ବି ଅଛି। ସେ ମଧ୍ୟ, ପୀଡିତ ଅଟେ। ଆପଣ ଚାହାଁନ୍ତି ଯେ ତାହା ପାଇଁ ପ୍ରାର୍ଥନା କରାଯାଉ। ତାହାର ଆଖିରେ କିଛି ଗୋଟାଏ ସମସ୍ୟା ଅଛି। ତାହା ଠିକ୍ ଅଟେ। ଆପଣଙ୍କ ସହିତରେ ଏକ ସାନ ଝିଅଟିଏ ବି ଅଛି, ତାର ମଧ୍ୟ ଆପଣଙ୍କ ପରି, ବୃକକ୍ ସମସ୍ୟା ରହିଛି। କଅଣ ତାହା ଠିକ୍ ଅଟେ କି? ବର୍ତ୍ତମାନ ଆପଣ ସମସ୍ତେ ଭଲ ହୋଇପାରନ୍ତି, ଯଦି ଆପଣ ବିଶ୍ୱାସ କରିବେ। କଅଣ ଆପଣ ଏହାକୁ ବିଶ୍ୱାସ କରନ୍ତି କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଆପଣ ନିଜ ମାର୍ଗରେ ଚାଲିଯାଆନ୍ତୁ ଏବଂ ସୁସ୍ଥତା ଲାଭ କରନ୍ତୁ।

153 କଅଣ ଆପଣ ବିଶ୍ୱାସ କରନ୍ତି କି? ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। ଏହା କଅଣ ଅଟେ? ସେ କଅଣ କରିବାକୁ ଚେଷ୍ଟା କରୁଛନ୍ତି? ଆପଣମାନଙ୍କ ପ୍ରତି, ଅବ୍ରହାମଙ୍କ ବଂଶ ପ୍ରତି, ସେ ଆପଣଙ୍କୁ ଏହା ଦେଖାଉ ଅଛନ୍ତି ଯେ ସେ ମୃତ ନୁହଁନ୍ତି। ମୁଁ ସେହି ବିଷୟଗୁଡିକୁ କରିପାରେ ନାହିଁ। ସେ ମୃତ ନୁହଁନ୍ତି। ମାତ୍ର ସେ ଜଣେ ଜୀବିତ ଅଟନ୍ତି, ଆପଣଙ୍କୁ ଏହା ଦେଖାଉ ଅଛନ୍ତି ଯେ ଆପଣଙ୍କ ପାଖରେ ଶତ୍ରୁଗଣର ନଗରଦ୍ୱାରଗୁଡିକୁ ଦାଖଲ କରିବାର ଏକ ଅଧିକାର ଅଛି। ତାହା ଏହାକୁ ସମାଧାନ କରି ଦେବା ଉଚିତ୍।

154 ଏହି ମହିଳା, ଏପଟରୁ ଆସନ୍ତୁ, କିଛି କ୍ଷଣ ରୁହନ୍ତୁ। ଆମେମାନେ ପାଖାପାଖୀ, ପ୍ରାୟଃ ସମାନ ବୟସର ଅଟୁ, ମୁଁ ଭାବୁଛି। ମାତ୍ର ଆମେମାନେ—ଆମେମାନେ ପରସ୍ପର ପାଇଁ ଅପରିଚିତ ଅଟୁ, ଯେତେ ଦୂର ମୁଁ ଜାଣେ। ମୁଁ ଆପଣଙ୍କୁ ଜାଣେ ନାହିଁ, ଏବଂ ଆମେମାନେ ଅପରିଚିତ ଅଟୁ। ମୁଁ ଆପଣଙ୍କ ବିଷୟରେ କିଛି ହେଲେ ଜାଣେ ନାହିଁ। ଯଦି ତାହା ଠିକ ଅଟେ, ତାହାହେଲେ ନିଜର ହାତ ଉଠାନ୍ତୁ, ଦେଖନ୍ତୁ। [ସେହି ଭଉଣୀ କୁହନ୍ତି, "ତାହା ଠିକ୍।"—ସମ୍ପା।] ତେବେ ସେମାନଙ୍କ ମଧ୍ୟରୁ କେହି ଜଣେ ଆପଣଙ୍କୁ ଏକ ପ୍ରାର୍ଥନା କାର୍ଡ ଦେଲେ, ଏବଂ ଆପଣ ଏଠାରେ ଅଛନ୍ତି। ଠିକ୍ ଅଛି। ତେବେ ଯଦି ପ୍ରଭୁ ଯୀଶୁ...

155 ଯଦି ମୁଁ, ବୋଧହୁଏ, କୁହେ ଯେ ମୁଁ ଭାଇ ଓରାଲ୍ ରୋବର୍ଟସଙ୍କ ସ୍ଥାନ ନେବାକୁ ଚେଷ୍ଟା କରୁଥିଲି, କିଅବା ବିଶ୍ୱାସର ସେହି ମହାନ ବ୍ୟକ୍ତିମାନଙ୍କ ମଧ୍ୟରୁ କାହାରିର, ତେବେ ମୁଁ କହିଥାଆନ୍ତି, "ହେ ମହିଳା, ଆପଣଙ୍କ ସହିତ କି ସମସ୍ୟା ଅଛି?"

156 ଆପଣ କହିବେ, "ତେବେ, ମୋର *ଅମୁକ-ଓ-ଅମୁକ* ହୋଇଛି।" ତେବେ, ହୁଏତ ସେ ଠିକ୍ ହୋଇ ନ ପାରନ୍ତି। ବୁଝିଲେ? ମୁଁ ଜାଣେ ନାହିଁ। ବୁଝିଲେ? ମାତ୍ର, ସେ, ଆପଣ ତାଙ୍କୁ କହିପାରନ୍ତି ଯେ କଅଣ ସମସ୍ୟା ଅଛି।

157 ସେ ଆପଣଙ୍କ ଉପରେ ହାତ ରଖିବେ, କହିବେ, "ପରମେଶ୍ୱର ମୋତେ ରୋଗୀମାନଙ୍କ ପାଇଁ—ପାଇଁ ପ୍ରାର୍ଥନା କରିବାକୁ ପଠାଇ ଅଛନ୍ତି। କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?" "ହଁ।" "ପରମେଶ୍ୱରଙ୍କର ଗୌରବ ହେଉ! ଯାଆନ୍ତୁ, ଏହାକୁ ବିଶ୍ୱାସ କରନ୍ତୁ।"

158 ଏହାସବୁ ଠିକ ଅଛି। ଏହା ଠିକ ଅଟେ। ପରମେଶ୍ୱର ତାହା ପ୍ରତିଜ୍ଞା କରିଥିଲେ। ମାତ୍ର, ଆପଣ ଦେଖନ୍ତୁ, ଆମେମାନେ ସେହି—ସେହି ଦିନ ଅପେକ୍ଷା ଟିକିଏ ଅଧିକ ଆଗକୁ ବସବାସ କରୁଅଛୁ। ଯୀଶୁ ପ୍ରତିଜ୍ଞା କରିଥିଲେ, "ଯେପରି ତାହା ସଦୋମର ସମୟରେ ହୋଇଥିଲା। ଯେଉଁ କାର୍ଯ୍ୟଗୁଡିକ ମୁଁ କରେ ତୁମେମାନେ ମଧ୍ୟ ତାହା କରିବ।"

159 ତେବେ, ଯଦି ପରମେଶ୍ୱର ମୋତେ ଏହା କହି ପାରନ୍ତି ଯେ ଆପଣ କଅଣ ଦେଇ ଗତି କରିଛନ୍ତି, ଆପଣ ଜାଣନ୍ତି ଯେ ତାହା ସତ କି ନୁହେଁ, ସେ ଆପଣଙ୍କୁ କହିପାରନ୍ତି ଯେ ଆପଣ କଅଣ ହେବେ, ଏବଂ ଯଦି ତାହା ସତ ଅଟେ, ତାହାହେଲେ ଏହା ମଧ୍ୟ, ସତ ହେବ।

160 ଯଦି ସେ ଆପଣଙ୍କୁ କୁହନ୍ତି, ଯାହା ବି ହେଉ, ମୁଁ ଜାଣେ ନାହିଁ, ମାତ୍ର ଯଦି ସେ ମୋତେ କହିବେ ଯେ ଆପଣଙ୍କର ସମସ୍ୟା କଅଣ, ତାହାହେଲେ ହେ ଶ୍ରୋତାବୃନ୍ଦ, କଅଣ ଆପଣମାନେ ମଧ୍ୟ, ଏହାକୁ ବିଶ୍ୱାସ କରିବେ କି?

161 ମୋତେ ପ୍ରକୃତରେ ଅଟକି ଯିବା ଉଚିତ୍। ସେହି ଗୋଟିଏ ଥର, ସେହି ବ୍ୟକ୍ତି ଯିଏକି ଅଳ୍ପ କିଛି ସମୟ ପୂର୍ବରୁ ଏଠାରେ ଥିଲେ, ତାହା ଏହାକୁ ସୁନିଶ୍ଚିତ କରି ଦେବା ଉଚିତ୍। ଯୀଶୁ ଏହାକୁ ଥରେ କରିଥିଲେ। ସେ କଦାପି ଏହାକୁ ଆଉ ଥରେ କଲେ ନାହିଁ। ସୁଖାରରେ ସମସ୍ତେ ଏହାକୁ ବିଶ୍ୱାସ କରିଥିଲେ, ସେହି ସ୍ତ୍ରୀଲୋକର ସାକ୍ଷ୍ୟକୁ ବିଶ୍ୱାସ କରିଥିଲେ, ଯେତେବେଳେ ସେ ଆସି, ସେମାନଙ୍କୁ କହିଲେ, ଏବଂ ସେ ଜଣେ କୁଖ୍ୟାତି-ସମ୍ପନ୍ନ ସ୍ତ୍ରୀଲୋକଟିଏ ଥିଲେ। ଜଣେ ଖ୍ରୀଷ୍ଟିୟାନ ଠିକ ବର୍ତ୍ତମାନ ହିଁ ଆପଣ ସମସ୍ତଙ୍କ ସମ୍ମୁଖରେ, ଏହି ପ୍ରଚାର ମଞ୍ଚକୁ ଛାଡିକରି ଗଲେ! ଆମେନ୍। ମାତ୍ର ସେହି ପ୍ରାଣୀଗୁଡିକ ଯାହାକି ଆମର ଚିନ୍ତାଠାରୁ ମଧ୍ୟ ଅଧିକ ଅଟନ୍ତି, ଏହା ହେଉ ଯେ ପ୍ରଭୁ ଆପଣାକୁ ପ୍ରମାଣ କରିବା ଜାରି ରଖନ୍ତୁ, ସେହି ମହାନ ପରାକ୍ରମୀ ବିଜେତା, ଅବ୍ରହାମଙ୍କର ସେହି ବଂଶ...ମାତ୍ର ଅବ୍ରହାମଙ୍କ ପରି, ସେ ଏହାକୁ ଅବ୍ରହାମଙ୍କ ପାଇଁ, ଥରେ କରିଥିଲେ; ତାହାପରେ ତାହାକୁ ନଷ୍ଟ କରିଦେଲେ, ଏବଂ ପୁନର୍ବାର ଏହାକୁ କଲେ। ଅବ୍ରହାମ ନିରନ୍ତର ପରମେଶ୍ୱରଙ୍କୁ ବିଶ୍ୱାସ କରିଥିଲେ।

162 ଆପଣ ଏଠାରେ ନିଜ ପାଇଁ ନୁହଁନ୍ତି। ଆପଣ ଏଠାରେ ଅନ୍ୟ କାହାରି ପାଇଁ ଅଛନ୍ତି, ଏବଂ ତାହା ଜଣେ ମହିଳା ଅଟନ୍ତି। ଏହା ଆପଣଙ୍କର ଭଉଣୀ ଅଟେ। ଏବଂ ସେହି ମହିଳା ଜଣକ ମୃତ୍ୟୁର ଛାୟା ତଳେ ଅଛନ୍ତି। ଏବଂ ସେ ଏକ—ଏକ ମଧୁମେହରେ ପୀଡିତ ଅଟନ୍ତି। ଏବଂ ସେ ଏଠାରୁ ନୁହଁନ୍ତି। ସେ ସେହି ସ୍ଥାନରୁ ଅଟନ୍ତି...ସେ ଲୁଇସିଆନାରୁ, ଏକ ସନ୍ତସନ୍ତିଆ

ଦେଶରୁ ଅଟନ୍ତି । ତାହା...ଏବଂ ଏଠାରେ ଆଉ ଏକ ଜିନିଷ ଅଛି, ଯେପରିକି ଶ୍ରୋତାବୃନ୍ଦ ଏହା ଜାଣିପାରନ୍ତି । ଆପଣଙ୍କର ଏକ ଝିଅ ଅଛି ଯିଏକି ପ୍ରକୃତରେ ଅସୁସ୍ଥ ଅଟେ, ଯିଏକି ଏହି ସଭାରେ ଯୋଗ ଦେବାକୁ ଯୋଜନା କରୁଥିଲା, ଏବଂ ତାଙ୍କୁ ଅପସ୍ମାର ଅଛି । ତାହା ସତ ଅଟେ । ତାହା ସତ୍ୟ ଅଟେ । କଅଣ ଏହା ନୁହେଁ କି? କଅଣ ଆପଣ ବର୍ତ୍ତମାନ ବିଶ୍ୱାସ କରନ୍ତି କି? [ସେହି ଭଉଣୀ କୁହନ୍ତି, "ହଁ । ଆମେନ୍ ।"—ସମ୍ପା ।] ଯଦି ଆପଣ ଅବ୍ରହାମଙ୍କ ବଂଶ ଅଟନ୍ତି, ତେବେ ଏହାକୁ ଗ୍ରହଣ କରନ୍ତୁ ଏବଂ ବାହାରକୁ ଚାଲିଯାଆନ୍ତୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ସୁସ୍ଥତା ଲାଭ କରନ୍ତୁ ।

163 କଅଣ ଆପଣ ବିଶ୍ୱାସ କରନ୍ତି କି? ନିଶ୍ଚିତ ଭାବରେ । ମନେରଖନ୍ତୁ, ଯେ ଏହା ତାହାଙ୍କର ପ୍ରତିଜ୍ଞା ଅଟେ । ସେ କହିଥିଲେ ଯେ ସେ ଏହା କରିବେ । ସେ ତାହାଙ୍କର ପ୍ରତିଜ୍ଞାକୁ ରକ୍ଷା କରନ୍ତି ।

164 ଆପଣ କେମିତି ଅଛନ୍ତି? ଆମେ ପରସ୍ପର ପାଇଁ ଅପରିଚିତ ଅଟୁ । ମୁଁ ଆପଣଙ୍କୁ ଜାଣେ ନାହିଁ । ମାତ୍ର ପରମେଶ୍ୱର ଆପଣଙ୍କୁ ଜାଣନ୍ତି । କଅଣ ଆପଣ ବିଶ୍ୱାସ କରନ୍ତି ଯେ ଯଦି ପରମେଶ୍ୱର ମୋତେ ଆପଣଙ୍କର ସମସ୍ୟାକୁ ପ୍ରକାଶ କରିପାରନ୍ତି, ତେବେ ଆପଣ ଜାଣନ୍ତି ଯେ ଏହାକୁ ତ କୌଣସି କିଛି ଆତ୍ମିକ ଶକ୍ତିରୁ ଆସିବାକୁ ହେବ । ତେବେ, ସେଠାରେ କେବଳ ଦୁଇଟି ବିଷୟ ଅଛି ଯେଉଁଠାରୁକି ତାହା ଆସିପାରେ, ଯାହା ଆପଣ କଳ୍ପନା କରିପାରନ୍ତି । ଯେତେବେଳେ ଏହା ସମାପ୍ତ ହୋଇଯାଏ, ଏହା ବ୍ୟାଖ୍ୟା କରିବାଠାରୁ ଊର୍ଦ୍ଧ୍ୱରେ, କାରଣ ଏହା ଏକ ଘଟଣା ଅଟେ । ଏବଂ, ଏହା ମଧ୍ୟ, ଯେ ଏହା ଏକ ବିରୋଧାଭାସ ଅଟେ; କିଛି ଗୋଟାଏ, ତେବେ, ଏହା ଅଯୁକ୍ତିକର, ତଥାପି ସତ୍ୟ ଅଟେ । ଏହା ଏକ ବିରୋଧାଭାସ ହେବ । ଏବଂ ବର୍ତ୍ତମାନ ଆପଣ ଏହା ଜାଣନ୍ତି, ଯେ ଏହା ସତ କି ନୁହେଁ, ଆପଣ ଜାଣିବେ ଯେ ସେ ଆପଣଙ୍କୁ ସତ କହିଛନ୍ତି କି ନାହିଁ?

165 ତେବେ, ମନେରଖନ୍ତୁ, ମୁଁ ଆପଣଙ୍କୁ ଜାଣେ ନାହିଁ । ଏହା ତ ମୋ ବ୍ୟତୀତ ଅନ୍ୟ କେହି ହେବା ଆବଶ୍ୟକ । ଯଦି ଆପଣ ଫାରୂଶୀମାନଙ୍କ ପରି କରିବେ, ଏବଂ କହିବେ, "ଓଃ, ଏହା ତ ଏକ ମନ୍ଦ ଆତ୍ମା ଅଟେ," ତାହାହେଲେ ଆପଣ ତାହାର ପ୍ରତିଫଳ ପାଇବେ । ଯଦି ଆପଣ ବିଶ୍ୱାସ କରିବେ ଯେ ଏହା ଖ୍ରୀଷ୍ଟ ଅଟନ୍ତି, ତେବେ ଆପଣ ତାହାଙ୍କର ପୁରସ୍କାର ପାଇବେ । ସେହି କାରଣ ଯେ ଆପଣ ଏହାକୁ ବିଶ୍ୱାସ କରିପାରନ୍ତି, କାରଣ ସେ ତାହାକୁ ଏହି ଦିନ ପାଇଁ ପ୍ରତିଜ୍ଞା କରିଥିଲେ, ଏବଂ ତାହା ସେହି ସମୟଠାରୁ ନେଇ ଏହି ସମଯ ପର୍ଯ୍ୟନ୍ତ ହୋଇ ନାହିଁ । ତାହା ଏହାକୁ ଶେଷ ସମୟ କରିଥାଏ ।

166 ସବୁ ସମୟରେ, ସେଠାରେ କେହି ଜଣେ ଗୋଟାଏ ଆପଣଙ୍କ ସମ୍ମୁଖରେ ପ୍ରକଟିତ ହେଉଥିବାର ଦେଖାଯାଆନ୍ତି । ଏହା ଧୂସର-କେଶ, ଥିବା ଜଣେ ବ୍ୟକ୍ତି । ଏହା ଆପଣଙ୍କର ସ୍ୱାମୀ ଅଟନ୍ତି । ଠିକ ସେଠାରେ ବସିଛନ୍ତି । ସେ କର୍କଟ, ଟ୍ୟୁମର, କର୍କଟ ଦ୍ୱାରା ଛାୟା କରାଯାଇଥିବା ଅବସ୍ଥାରେ, ନିଜର ଆରୋଗ୍ୟତାକୁ ଗ୍ରହଣ କରିବାକୁ ଚେଷ୍ଟା କରୁଛନ୍ତି । ଆପଣଙ୍କର ଏକ ବୃକକ୍ ସମସ୍ୟା ଅଛି, ମୁତ୍ରାଶୟ ଗ୍ରନ୍ଥି ସମସ୍ୟା ଅଛି । ଆପଣ ଶ୍ରୀମାନ ଏବଂ

ଶ୍ରୀମତୀ ଲିଟିଲ୍ ଅଟନ୍ତି । କଅଣ ଏହା ଠିକ୍ କି? [ସେହି ଭଉଣୀ କୁହନ୍ତି, "ହଁ ।"—ସମ୍ପା ।] ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ, ଏବଂ ସୁସ୍ଥ ହୁଅନ୍ତୁ ।

167 "ଆପଣ କୁହନ୍ତି ତାଙ୍କର, ସେମାନଙ୍କର ନାମ?" କାହିଁକି, ନିଶ୍ଚିତରେ । କଅଣ ଯୀଶୁ ପିତରଙ୍କୁ କହି ନ ଥିଲେ କି, "ତୁମ୍ଭର ନାମ ଶିମୋନ, ଯୂନସଙ୍କ ପୁତ୍ର ଅଟ"?

168 ଏଠାରେ ଜଣେ ବ୍ୟକ୍ତି ଅଛନ୍ତି । ଆମେମାନେ ପରସ୍ପର ପାଇଁ ଅପରିଚିତ, ଅଟୁ, ମହାଶୟ । ମୁଁ ଆପଣଙ୍କୁ ଜାଣେ ନାହିଁ । ମାତ୍ର ଆପଣ ସେହିପରି ଜଣେ ପୁରୁଷ, ଯେପରିକି—ଯେପରିକି ପିତର ପ୍ରଭୁ ଯୀଶୁଙ୍କ ନିକଟକୁ ଆସିଥିଲେ, ଆମେମାନେ ମଧ୍ୟ ଏକାଠି ଆସିଅଛୁ । କଅଣ ଆପଣ ମୋତେ ତାହାଙ୍କର ସେବକ ବୋଲି ବିଶ୍ୱାସ କରନ୍ତି କି? କଅଣ ଆପଣ ତାହା ବିଶ୍ୱାସ କରନ୍ତି ଯେ ମୁଁ ଯାହା କହିଅଛି ତାହା ସତ୍ୟ ଅଟେ? [ସେହି ଭାଇ କୁହନ୍ତି, "ହଁ, ଆଜ୍ଞା । ମୁଁ କରେ, ମହାଶୟ ।"—ସମ୍ପା ।] ଯଦି ଆପଣ ଏହାକୁ ବିଶ୍ୱାସ କରିପାରନ୍ତି! ମୁଁ, ଯଦି ଏପରି କିଛି ବିଷୟ ଅଛି ଯାହା ମୁଁ ଆପଣଙ୍କ ପାଇଁ କରିପାରେ, ତେବେ ମୁଁ ତାହା କରିବି, ମାତ୍ର ସେଠାରେ ଏପରି କିଛି ବିଷୟ ନାହିଁ ଯାହା ମୁଁ କରିପାରେ । ସେ ତ ଏହାକୁ ଆଗରୁ କରି ସାରିଛନ୍ତି; ଏହା ତ କେବଳ ଆପଣଙ୍କୁ ଏହାକୁ ବିଶ୍ୱାସ କରାଇବା ପାଇଁ କିଛି ଗୋଟାଏ ଅଟେ । ଏବଂ, ଦେଖନ୍ତୁ, ଏହା ମୁଁ ନୁହେଁ । ଯଦି ଏହା ମୁଁ ଥାଏ, ତେବେ ମୁଁ—ମୁଁ ଆପଣଙ୍କ ପାଇଁ ତାହା ସବୁ କିଛି କରିବି ଯାହା ମୁଁ କରିପାରିବି । ମାତ୍ର ସେ ମୋତେ ଏକ ବରଦାନ ଦେଇଥିଲେ, ଏବଂ ମୁଁ କେବଳ ତାହାଙ୍କ ସମ୍ମୁଖରେ ନିଜକୁ ଆରାମ ଦେଇ ଦିଏ, ଏବଂ ସେ ହିଁ କଥାବାର୍ତ୍ତା କରନ୍ତି । କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ["ହଁ ।"]

169 ଶ୍ରୋତାବୃନ୍ଦ, କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?

170 ମୁଁ ଜଣେ ବ୍ୟକ୍ତିଙ୍କୁ ଖୋଜିବାକୁ ଚାହୁଁଥିଲି । ଆପଣଙ୍କ ସହିତରେ ଅନେକ ଜିନିଷ ଭୁଲ୍ ଅଛି । ମାତ୍ର ଗୋଟିଏ ଜିନିଷ ହେଉଛି, ଆପଣଙ୍କର ଡାହାଣ ଆଖିରେ ଗୋଟିଏ ବୃଦ୍ଧି ଘଟିଛି । ତାହା ଆପଣଙ୍କର ମୁଖ୍ୟ ସମସ୍ୟା ଅଟେ । ଏଠାରେ ଆଉ ଏକ ଜିନିଷ ଅଛି, ଜଣେ ମହିଳା ଏଠାରେ ନିରନ୍ତର ଦେଖାଯାଉଛନ୍ତି । ଏହା ଆପଣଙ୍କର ସ୍ତ୍ରୀ ଅଟନ୍ତି । କଅଣ ଆପଣ ବିଶ୍ୱାସ କରନ୍ତି କି ପରମେଶ୍ୱର ମୋତେ କହିପାରନ୍ତି ଯେ ଏଠାରେ ଆପଣଙ୍କର ପତ୍ନୀଙ୍କ ସହିତ କି ସମସ୍ୟା ଅଛି? ତାଙ୍କ ସମସ୍ୟାଟି ତାଙ୍କ ପାଟିରେ ଅଛି । ଏହା ତାଙ୍କର ଦାନ୍ତ ଅଟେ । ତାହା ଠିକ୍ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେହି ସମାନ ଯୀଶୁ, ଯିଏକି ଜାଣିଥିଲେ ଯେ ଶିମୋନ ପିତର କିଏ, ମୋତେ ଏହା କହିପାରିବେ ଯେ ଆପଣ କିଏ ଅଟନ୍ତି? [ସେହି ଭାଇ କୁହନ୍ତି, "ହଁ ।"—ସମ୍ପା ।] କଅଣ ଏହା ଆପଣଙ୍କୁ ବହୁଳ ଭାବେ ବିଶ୍ୱାସ କରାଇବ କି? ["ହଁ, ଆଜ୍ଞା ।"] କଅଣ ଏହା କରାଇବ କି? ["ହଁ ।"] ଓସ୍କାର ବାର୍ନସ୍ । ["ତାହା ଠିକ୍ ।"] କଅଣ ତାହା ଠିକ୍ ଅଟେ କି? ନିଜ ମାର୍ଗରେ ଘରକୁ ଯାଆନ୍ତୁ, ସୁସ୍ଥ ହୁଅନ୍ତୁ ।

171 [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।]...ଆପଣଙ୍କ ପାଇଁ ଅପରିଚିତ ଅଟେ । ମୁଁ ଆପଣଙ୍କୁ ଜାଣେ ନାହିଁ, ମାତ୍ର ପରମେଶ୍ୱର ଆପଣଙ୍କୁ ଜାଣନ୍ତି । କଅଣ ଆପଣ ବିଶ୍ୱାସ କରନ୍ତି କି ସେ

ମୋତେ ଏହା କହିବାକୁ ସକ୍ଷମ ଯେ ଆପଣଙ୍କର ଅସୁବିଧା କଅଣ ଅଟେ? କଅଣ ଆପଣ ଏହାକୁ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରିବେ କି? ଆପଣଙ୍କର ସମସ୍ୟାଟି ଆପଣଙ୍କର ଗଳାର ଆଖପାଖରେ ଅଟେ, ଏବଂ ଏଠାରେ ଆପଣଙ୍କର ଛାତିରେ ଅଟେ । ଏହା ଅସ୍ଥିର ଏକ—ଏକ କ୍ଷୟ ପାଇବା ଅଟେ । ଆପଣଙ୍କର ଅସ୍ଥି ସଂରଚନା ଭିତରେ ଆପଣଙ୍କର ପିଣ୍ଡୁଳା ଗଠନ, ହେବା ପରି ହେଉଅଛି, ଏବଂ ଗଣ୍ଠିଗୁଡିକ ହେଉଅଛି । ତାହା ଠିକ୍ । ଆପଣ ଏଠାରୁ ନୁହଁନ୍ତି । ଆପଣ ଏପରି ଏକ—ଏକ ସହରରୁ ଅଟନ୍ତି ଯେଉଁଠାରେକି ଚାରିଆଡ଼େ କମଳାର ବଗିଚାଗୁଡିକ ଅଛି । ଏହା ଉପତ୍ୟକାରେ ସ୍ଥାପିତ ଅଟେ, ଏବଂ ଏହା ପଛରେ ପର୍ବତଗୁଡିକର ଏକ ସୁନ୍ଦର ଦୃଶ୍ୟ ଅଛି । ସେଠାରେ ଆଣ୍ଟଲର୍ସ ନାମକ ଏକ ହୋଟେଲ ଅଛି । ଏହା ସାନ୍ ବର୍ନାର୍ଡିନୋ ଅଟେ । ତାହାହିଁ ଅଟେ ଯେଉଁଠାରୁ କି ଆପଣ ଆସିଛନ୍ତି । ଫେରି ଯାଆନ୍ତୁ, ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି, ଯଦି ଆପଣ ଏହାକୁ ବିଶ୍ୱାସ କରିବେ ।

172 କେବଳ ଗୋଟିଏ ବିଷୟ ଅଛି ଯାହାକି କର୍କଟ ରୋଗକୁ ଭଲ କରିପାରେ, ତାହା ହେଉଛନ୍ତି ପରମେଶ୍ୱର । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଆପଣଙ୍କୁ ସୁସ୍ଥ କରିବେ? [ସେହି ଭାଇ କୁହନ୍ତି, "ମୁଁ ନିଶ୍ଚିତ କରେ ।"—ସମ୍ପା ।] ଏହାକୁ ବିଶ୍ୱାସ କରନ୍ତୁ! ଯାଆନ୍ତୁ, ଏବଂ ପ୍ରଭୁ ପରମେଶ୍ୱର ଆପଣଙ୍କୁ ସମସ୍ତ ପ୍ରକାରେ ସୁସ୍ଥ କରନ୍ତୁ ।

173 ସମ୍ପ୍ରତି ଆପଣ ବହୁତ ଅଧିକ-...ଅତ୍ୟଧିକ ଅଧୀର, ପ୍ରକୃତ ବ୍ୟତିବ୍ୟସ୍ତ ହୋଇ ଯାଇଛନ୍ତି । ଏହି ଅଧୀରତା ଯୋଗୁଁ, ଆପଣଙ୍କ ପେଟ ଏକ ସମସ୍ୟାର ଅବସ୍ଥାରେ ଅଛି । ଆପଣ ନିଜର ଖାଦ୍ୟ ହଜମ କରି ପାରୁ ନାହାଁନ୍ତି; ଏହାକୁ ପାଟିରେ ଆଣି ପାରୁ ନାହାଁନ୍ତି । ଏହା ଆପଣଙ୍କ ପାଟିରେ ସର୍ବତ୍ର ଏକ ଅମ୍ଳ ଅଟେ । ଏକ ଅପରାହ୍ନର ବିଳମ୍ବରେ, ଆପଣ ପ୍ରକୃତ କ୍ଳାନ୍ତ ଏବଂ ସବୁକିଛି ହୋଇ ଯାଇଥିଲେ । ଆପଣଙ୍କ ପେଟରେ ଏକ ପେପ୍ଟିକ୍ ଅଲସର୍ ଘାଆ ହୋଇଯାଇଛି । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେହି ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ତାହା କହିପାରନ୍ତି? [ସେହି ଭଉଣୀ କୁହନ୍ତି, "ହଁ ।"—ସମ୍ପା ।] ତେବେ, ଯାଆନ୍ତୁ ଓ ନିଜର ଭୋଜନ ଗ୍ରହଣ କରନ୍ତୁ । ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ, ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି ।

174 ଆପଣ କିପରି ଅଛନ୍ତି? ସେଠାରେ ଅନେକ ବିଷୟମାନ ସମସ୍ୟା ଅଛି । ମାତ୍ର ଗୋଟିଏ ଜିନିଷ ଯାହାଙ୍କୁ ନେଇ ଆପଣ ଭୟ କରୁଛନ୍ତି, ତାହା ହେଲା ଆପଣ ଗଣ୍ଠିବାତ ରୋଗରେ ପଙ୍ଗୁ ହେବାକୁ ଯାଉଛନ୍ତି । ମାତ୍ର କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ, ଆପଣଙ୍କୁ ସେଥିରୁ ଭଲ କରି ଦେବେ? [ସେହି ଭଉଣୀ କୁହନ୍ତି, "ହଁ ।"—ସମ୍ପା ।]

175 ପ୍ରଭୁ ଯୀଶୁ, ମୁଁ ପ୍ରାର୍ଥନା କରୁଛି ଯେ ତୁମେ ମୋ ଭଉଣୀକୁ ଏହା ପ୍ରଦାନ କରିବ । ତାଙ୍କୁ ତାଙ୍କର ଦୃଷ୍ଟି ପ୍ରଦାନ କର । ତାଙ୍କଠାରୁ ସେହି ସ୍ତ୍ରୀଜନିତ ସମସ୍ୟାକୁ ନେଇ ଯାଅ, ଏବଂ ଗଣ୍ଠିବାତ ରୋଗକୁ ସୁସ୍ଥ କର, ଯୀଶୁଙ୍କ ନାମରେ । ଆମେନ୍ ।

176 ବର୍ତ୍ତମାନ, ବିଶ୍ୱାସ କରି ଯାଆନ୍ତୁ । ସେ ଏହାକୁ କରିବେ, ଏବଂ ଏହା ସବୁ ଠିକ୍

ହୋଇଯିବ । ସନ୍ଦେହ କରନ୍ତୁ ନାହିଁ, କେବଳ ଚାଲିବା ଜାରି ରଖନ୍ତୁ, ଏବଂ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ ।

177 ହୃଦୟ ସମସ୍ୟା ଏକ ଭୟଙ୍କର ବିଷୟ ଅଟେ, ମାତ୍ର ଖ୍ରୀଷ୍ଟ ହୃଦୟକୁ ସୁସ୍ଥ କରନ୍ତି । କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? [ସେହି ଭଉଣୀ କୁହନ୍ତି, "ହଁ ।"—ସମ୍ପା ।] ଯାଆନ୍ତୁ, ଏହାକୁ ବିଶ୍ୱାସ କରନ୍ତୁ, ଏବଂ ଏହାସବୁ ସମାପ୍ତ ହୋଇଯିବ । ଏହା ଭାଲ୍ ହୋଇଯାଇଛି ।

178 କଅଣ ଆପଣ ବିଶ୍ୱାସ କରନ୍ତି ଯେ ଆପଣ ପଙ୍ଗୁ ହେବାକୁ ଯାଉଅଛନ୍ତି? ନା, ମୁଁ ମଧ୍ୟ, ତାହା ଭାବେ ନାହିଁ । ମୋର ଚିନ୍ତା, ଗଣ୍ଠିବାତ; ସେଠାରେ ଥିବା ସେହି ଛାୟା, ଓଃ, ତାହା କର୍କଟ ଅଟେ । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଏହାକୁ ସୁସ୍ଥ କରିବେ? [ସେହି ଭଉଣୀ କୁହନ୍ତି, "ହଁ, ମୁଁ କରେ ।"—ସମ୍ପା ।] ଯାଆନ୍ତୁ, ଏହାକୁ ବିଶ୍ୱାସ କରନ୍ତୁ । ସେ ଆପଣଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ କରିବେ ।

179 ଏହା ଆପଣଙ୍କୁ ଅଳ୍ପ କେତେ ଦିନରୁ ଟିକିଏ ବ୍ୟତିବ୍ୟସ୍ତ କରୁଅଛି, ହୃଦୟରେ ସେହି ଅବରୋଧ । ମାତ୍ର କଅଣ ଆପଣ ବିଶ୍ୱାସ କରନ୍ତି ଯେ ଏହା ଆଜି ରାତିରେ, ସମାପ୍ତ ହେବାକୁ ଯାଉଅଛି? ଯାଆନ୍ତୁ, ଏହାକୁ ବିଶ୍ୱାସ କରନ୍ତୁ, ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରନ୍ତି ।

180 ଦୀର୍ଘ ସମୟ ଧରି, ସେହି ସ୍ତ୍ରୀଜନିତ ସମସ୍ୟାରୁ, ସେ ପୀଡିତ ଅଛନ୍ତି । ଏବଂ ତାହାପରେ, ଆପଣ, ଆପଣଙ୍କ ପାଇଁ ସକାଳୁ ଉଠିବା ଟିକିଏ କଷ୍ଟକର ହେଉଅଛି । ଆପଣଙ୍କ ଅଙ୍ଗରେ, ଆପଣ କଠୋର ଅନୁଭବ କରୁଛନ୍ତି । ଆପଣ ଦିନର, ସେହି ସମୟ ପର୍ଯ୍ୟନ୍ତ, ବଡ଼ କଷ୍ଟରେ ଚାଲିପାରନ୍ତି । ଏହା ଗଣ୍ଠିବାତ ଅଟେ । ଯାଆନ୍ତୁ, ସନ୍ଦେହ କରନ୍ତୁ ନାହିଁ, ଆପଣଙ୍କର ତାହା ଆଉ ରହିବ ନାହିଁ । କେବଳ ନିଜର ସମସ୍ତ ହୃଦୟ ସହିତରେ, ଏହାକୁ ବିଶ୍ୱାସ କରନ୍ତୁ ।

181 ଆପଣଙ୍କର ଅନେକ ଗୁଡିଏ ବିଷୟ, ଜଟିଳତା ରହିଛି । ମାତ୍ର ଗୋଟିଏ ଜିନିଷ ଯାହାକି ଆପଣଙ୍କୁ ବହୁତ ଅଧିକ ବ୍ୟତିବ୍ୟସ୍ତ କରୁଛି, ଆପଣ ମଧ୍ୟ ଗଣ୍ଠିବାତ ବିଷୟରେ ଚିନ୍ତା କରୁଛନ୍ତି, ଯାହାକି ତାହା ଅଟେ, ଯାହା ଆପଣଙ୍କୁ ପଙ୍ଗୁ କରି ଦେଉଅଛି । କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଆପଣଙ୍କୁ ଚାଲିବା ନିମନ୍ତେ ସୁସ୍ଥ କରି ଦେବେ ଓ ଭଲ କରି ଦେବେ? [ସେହି ଭଉଣୀ କୁହନ୍ତି, "ହଁ, ଆଜ୍ଞା ।"—ସମ୍ପା ।] ଯାଆନ୍ତୁ, ଏହାକୁ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତୁ, ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସୁସ୍ଥ କରିବେ ।

182 ଅଧୀର ହୃଦୟ, ଏବଂ ଗଣ୍ଠିବାତ, ମାତ୍ର କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? କଅଣ ଆପଣ କରନ୍ତି? ଯାଆନ୍ତୁ, ଏବଂ ପ୍ରଭୁ ଯୀଶୁ ଆପଣଙ୍କୁ ସୁସ୍ଥ କରନ୍ତୁ ।

183 ସେହି ପେଟ ନିଶ୍ଚିତ ଭାବରେ ଆପଣଙ୍କୁ ଗତ କିଛି ବର୍ଷ ମଧ୍ୟରେ ବହୁତ ଅସୁବିଧାରେ ପକାଇ ଅଛି, କଅଣ ତାହା ନୁହେଁ କି? ଏହା ଆଉ ଅଧିକ କରିବ ନାହିଁ । ଯାଆନ୍ତୁ, ଏହାକୁ ବିଶ୍ୱାସ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ସୁସ୍ଥତା ଲାଭ କରନ୍ତୁ ।

184 ଆପଣ ମଧ୍ୟ, ହୋଇପାରନ୍ତି, ଆପଣଙ୍କର ପେଟ ସୁସ୍ଥ କରାଯାଇଛି । ଯାଆନ୍ତୁ, ଏହାକୁ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତୁ । ସନ୍ଦେହ କରନ୍ତୁ ନାହିଁ ।

185 ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି, ସେହି ପୁରୁଣା ଆଜମା ରୋଗ ଆପଣଙ୍କୁ ପ୍ରକୃତରେ ଦୁର୍ବଳ କରି ଦେଉଅଛି, କଅଣ ତାହା ନୁହେଁ କି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ଏହା ବର୍ତ୍ତମାନ ସମାପ୍ତ ହେବାକୁ ଯାଉଅଛି? [ସେହି ଭାଇ କୁହନ୍ତି, "ହଁ ।"—ସମ୍ପା ।] ଠିକ୍ ଅଛି, ଯାଆନ୍ତୁ ଏହାକୁ ବିଶ୍ୱାସ କରନ୍ତୁ । ଆମେନ୍ ।

186 ହାଲ୍ଲେଲୁୟା! କଅଣ ଆପଣ ନିଜର ସମସ୍ତ ହୃଦୟ ସହିତ ବିଶ୍ୱାସ କରନ୍ତି କି?

187 କେବଳ ଗୋଟିଏ କ୍ଷଣ । କଅଣ ଆପଣ ସେଠାରେ ସେହି ଆଲୋକକୁ ଦେଖୁ ନାହାଁନ୍ତି କି? ଜଣେ ସାନ ଅଶ୍ୱେତ ମହିଳା ମୋତେ ଚାହିଁ ରହିଛନ୍ତି, ଠିକ୍ ତଳେ ଏଠାରେ ବସିଛନ୍ତି, ତାଙ୍କ ବାମ ପାର୍ଶ୍ୱରେ ଏକ ମାଂସ ପିଣ୍ଡୁଳା ବୃଦ୍ଧି ପାଇଅଛି । ତାଙ୍କର ବୃକକ୍ ସମସ୍ୟା, ଜଟିଳତା ରହିଛି । ଆପଣଙ୍କର ଅଧିକ ବିଶ୍ୱାସ ରହିଥିଲା । ଆପଣଙ୍କୁ ଏଠାକୁ ଆସିବାର ପ୍ରୟୋଜନ ନାହିଁ । ଏହା ସରି ଯାଇଛି । କେବଳ ଏହାକୁ ବିଶ୍ୱାସ କରନ୍ତୁ । ଆମେନ୍ । ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖନ୍ତୁ!

କଅଣ ଆପଣ ତାହା ବିଶ୍ୱାସ କରନ୍ତି କି?

188 ହେ ଭଉଣୀ, କଅଣ ଆପଣ ବିଶ୍ୱାସ କରନ୍ତି, ଯେ ଆପଣଙ୍କର ସେଠାରେ ବସି ରହି, ସେହି ମେରୁଦଣ୍ଡ ସମସ୍ୟାଟି ଦୂର ହୋଇଯିବ? କଅଣ ଆପଣ ତାହା ବିଶ୍ୱାସ କରନ୍ତି ଯେ ସେ ଆପଣଙ୍କୁ ସୁସ୍ଥ କରିବେ? ଠିକ ଅଛି । ଏଥିରେ ସନ୍ଦେହ କରନ୍ତୁ ନାହିଁ, ଏବଂ ଆପଣ ଏହାକୁ ପାଇପାରନ୍ତି ଯଦି ଆପଣ ଏହାକୁ କେବଳ ବିଶ୍ୱାସ କରିବେ ।

189 ଏଠାରେ ବସିଥିବା ଏହି ବ୍ୟକ୍ତିଜଣକ, ମୋ ଆଡକୁ ଚାହିଁ ରହିଛନ୍ତି, ଅଣ୍ଡକୋଷର ସମସ୍ୟାରୁ ପୀଡିତ ଅଟନ୍ତି, ରାତିଗୁଡିକରେ ଉଠି ପଡନ୍ତି ଏବଂ ବିଭିନ୍ନ ବିଷୟମାନ । ମହାଶୟ, କଅଣ ଆପଣ ବିଶ୍ୱାସ କରନ୍ତି କି? ତେବେ, ଏହା ସମାପ୍ତ ହୋଇଯିବ, ଯଦି ଆପଣ ଏହାକୁ ବିଶ୍ୱାସ କରିବେ ।

190 ଏଠାରେ ଜଣେ ଅଶ୍ୱେତ ବ୍ୟକ୍ତି ଏହି ସ୍ଥାନରେ ବସି, ମୋତେ ଦେଖୁଛନ୍ତି । ସେ ଅପସ୍ମାରରେ ପୀଡିତ ଅଟନ୍ତି । ସେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ମଧ୍ୟ ଚାହୁଁଛନ୍ତି । ମହାଶୟ, ନିଜର ପାଦରେ ଛିଡା ହୁଅନ୍ତୁ, ନିଜର ଆରୋଗ୍ୟତାକୁ ଗ୍ରହଣ କରନ୍ତୁ । ପରମେଶ୍ୱର ଆପଣଙ୍କୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପ୍ରଦାନ କରନ୍ତୁ । ଆମେନ୍ ।

191 ଠିକ ଆପଣଙ୍କ ପାର୍ଶ୍ୱରୁ ନେଇ ବସିଥିବା, ସେଠାରେ ଏକ ପିଲା ବସିଛି, ତାର ମଧ୍ୟ ଅପସ୍ମାର ଅଛି, ଏକ ପ୍ରକାରର ମୂର୍ଚ୍ଛିତ ହେବା ଭଳି ହୋଇଥାଏ, ସେଠାରେ ଅନ୍ୟ ପାର୍ଶ୍ୱରେ, ବସି ରହିଛି । କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ସେହି ପିଲାଟିକୁ ସେଠାରେ, ସୁସ୍ଥ କରି ଦେବେ? କଅଣ ଆପଣ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତି କି? ତାହାହେଲେ ପରମେଶ୍ୱର ସେହି ପିଲାଟିକୁ ସୁସ୍ଥ କରିଦେବେ ।

192 କଅଣ ଆପଣମାନଙ୍କ ମଧ୍ୟରୁ, ପ୍ରତ୍ୟେକ ଜଣ ବିଶ୍ୱାସ କରନ୍ତି କି? କଅଣ ସେ ନୁହଁନ୍ତି—ନୁହଁନ୍ତି କି—କଅଣ ସେ ପ୍ରକୃତରେ ଅବ୍ରହାମଙ୍କ ରାଜକୀୟ ବଂଶ ନୁହଁନ୍ତି କି? କଅଣ ସେ ସେହି ପରାକ୍ରମୀ ବିଜେତା ନୁହଁନ୍ତି କି? କଅଣ ସେ ପ୍ରତିଜ୍ଞା କରିଛନ୍ତି ଯେ ଆପଣ ଶତ୍ରୁର ସେହି ନଗରଦ୍ୱାରଗୁଡିକୁ ଅଧିକାର କରି ପାରିବେ?

193 ଆପଣମାନଙ୍କ ମଧ୍ୟରୁ କେତେଜଣ ବନ୍ଧିତ ହେବାର, ଶତ୍ରୁର ସେହି ଚାପକୁ ଅନୁଭବ କରନ୍ତି? ନିଜର ହାତ ଉଠାନ୍ତୁ, ଯେ ଆପଣ ଶତ୍ରୁର ସେହି ଚାପକୁ ଅନୁଭବ କରନ୍ତି, ଏବଂ ଆପଣମାନେ ଅବ୍ରହାମଙ୍କ ବଂଶ ଅଟନ୍ତି, ନିଜର ହାତକୁ ଏହିପରି ଭାବରେ ଉଠାନ୍ତୁ। କୁହନ୍ତୁ, "ଭାଇ ବ୍ରାନହାମ୍, ମୁଁ ଅଧୀରତାରେ ବ୍ୟତିବ୍ୟସ୍ତ ଅଟେ।" ଓଃ, ସେଠାରେ ଆପଣମାନଙ୍କ ମଧ୍ୟରୁ ପ୍ରାୟଃ ଅଶୀ ପ୍ରତିଶତ ତାହା ସହିତରେ ଗ୍ରସିତ ଅଟନ୍ତି। କୁହନ୍ତୁ, ମୁଁ...ଏହା ବର୍ତ୍ତମାନ ଏତେ ଘନ ହୋଇଯାଇଛି, ଯେ ସମଗ୍ର ଭୀଡ଼ଟି ଏକ ବହୁତ ବଡ ସୌର ସମାଗମ ପରି ହୋଇ ଯାଉଅଛି, ଏହା ମୋତେ ପ୍ରାୟଃ ଅନ୍ଧ କରିଦେଉଛି, ସେଠାରେ ବାହାରେ ଯେଉଁଠାରେ ବି ଆପଣମାନେ ରହିଛନ୍ତି।

194 କଅଣ ଆପଣମାନେ ଦେଖୁ ନାହାଁନ୍ତି କି, ଏଠାରେ କୋଡ଼ିଏ କିମ୍ବା ତିରିଶଟି, ବୋଧହୁଏ, ମାମଲାଗୁଡିକ ଅଛି, କିମ୍ବା ତାହାଠାରୁ ଅଧିକ, ଠିକ୍ ଏଠାରେ ଏହି ମଞ୍ଚ ଉପରେ ଏବଂ ସେଠାରେ ସେହି ଶ୍ରୋତାବୃନ୍ଦଙ୍କ ମଧ୍ୟରେ, ଯେ ପରମେଶ୍ୱର ବିଫଳ ହୁଅନ୍ତି ନାହିଁ? ଏହା ତ ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି। କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? [ମଣ୍ଡଳୀ କୁହନ୍ତି, "ଆମେନ୍।"—ସମ୍ପା।] ତାହାହେଲେ କାହିଁକି ନୁହେଁ, ଅବ୍ରହାମଙ୍କର ପ୍ରତ୍ୟେକ ବୀଜ, ଆପଣମାନେ ବର୍ତ୍ତମାନ କାହିଁକି ସେହି ଚାବିକୁ ନେଉ ନାହାଁନ୍ତି? ସେହି ମହାନ ବିଜେତା, ଯିଏକି ଆପଣଙ୍କ ପାଇଁ ଏହାକୁ ଜୟ କରିଥିଲେ, ଏଠାରେ ଅଛନ୍ତି। ସେ ଏଠାରେ ଥିବା ପ୍ରମାଣିତ କରିଛନ୍ତି। କଅଣ ଆପଣ ତାହାଙ୍କୁ ବିଶ୍ୱାସ କରନ୍ତି କି?

195 ତାହାହେଲେ ନିଜର ବିଶ୍ୱାସର ଚାବିକୁ ନିଅନ୍ତୁ, ନିଜ ହାତରେ ଧରନ୍ତୁ, ଏବଂ କୁହନ୍ତୁ, "ଯୀଶୁ ଖ୍ରୀଷ୍ଟ, ମୁଁ ଠିକ ବର୍ତ୍ତମାନ, ମୋର ଆରୋଗ୍ୟତା ପାଇଁ ବିଶ୍ୱାସ କରେ।" ନିଜ ପାଦରେ ଛିଡା ହୋଇଯାଆନ୍ତୁ। ନିଜର ହାତ ଉଠାନ୍ତୁ, ବର୍ତ୍ତମାନ ହିଁ ନିଜର ବିଶ୍ୱାସକୁ ଉନ୍ମୋଚିତ କରନ୍ତୁ। "ପ୍ରଭୁ ଯୀଶୁ, ମୁଁ ବିଶ୍ୱାସ କରେ। ମୁଁ ଠିକ ବର୍ତ୍ତମାନ ହିଁ ବିଶ୍ୱାସ କରେ।"

196 ତେବେ ପରସ୍ପର ଜଣେ ଅନ୍ୟ ଉପରେ ନିଜର ହାତକୁ ରଖନ୍ତୁ। ପରସ୍ପର ଜଣେ ଅନ୍ୟ ଉପରେ, ଅବ୍ରହାମଙ୍କର ଅନ୍ୟ ଏକବଂଶ ଉପରେ ହାତ ରଖନ୍ତୁ। ତେବେ ସେହି ବ୍ୟକ୍ତିଙ୍କ ପାଇଁ ପ୍ରାର୍ଥନା କରନ୍ତୁ। ସେମାନଙ୍କ ଉପରେ ନିଜର ହାତ ରଖନ୍ତୁ। ଯୀଶୁ କହିଲେ, "ଯେଉଁମାନେ ବିଶ୍ୱାସ କରିବେ ଏହି ଚିହ୍ନଗୁଡିକ ସେମାନଙ୍କର ଅନୁବର୍ତ୍ତୀ ହେବ। ଯଦି ସେମାନେ ରୋଗୀମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ।"

197 ଶୟତାନ, ତୁ ଯୁଦ୍ଧରେ ହାରି ଯାଇଛୁ। ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏଠାରୁ ବାହାରି ଆସ, ଏବଂ ପରମେଶ୍ୱରଙ୍କ ଗୌରବ ନିମନ୍ତେ, ଏହି ଲୋକମାନଙ୍କୁ ଯିବାକୁ ଦେ।

64-0207 ସେହି ପିତୃପୁରୁଷ ଅବ୍ରହାମ

କର୍ନ କାଉଣ୍ଟି ଫେୟରଗ୍ରାଉଣ୍ଡସ୍

ବେକର୍ସଫିଲ୍ଡ, କାଲିଫର୍ଣ୍ଣିଆ ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।


ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:


VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org